## ବିଦ୍ୟୁତ୍ ଚୋରି: ରାଇସ୍‌ମିଲ ମାଲିକଙ୍କ ନାମରେ ମାମଲା

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବିଦ୍ୟୁତ୍ ବିଭାଗର ଭିଜିଲାନ୍ସ ଟିମ ଓ ବିଦ୍ୟୁତ୍ କର୍ମଚାରୀ ସ୍ୱତନ୍ତ୍ର ଭାବେ ଚଢ଼ାଉ ଜାରି ରଖିଛନ୍ତି। ଏପରିସ୍ଥଳେ ଝାରସୁଗୁଡ଼ା ଜିଲା କୋଲାବିରା ଥାନା ସିଙ୍ଗିବାହାଲ ଗ୍ରାମରେ ଥିବା ଏକ ରାଇସ୍‌ମିଲରେ ଚୋରାରେ ବିଦ୍ୟୁତ୍ ବ୍ୟବହାର ହେଉଥିଲା। ଏ ନେଇ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ କୋଲାବିରା ଥାନାରେ ଅଭିଯୋଗ ପରେ ପୋଲିସ ଉକ୍ତ ମିଲ୍ ମାଲିକଙ୍କ ନାମରେ ୮୦/୨୧ରେ ଏକ ମାମଲା ରୁଜୁ କରିଛି। ଏଭଳି ବିଦ୍ୟୁତ୍ ଚୋରି ବନ୍ଦ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ନଚେତ ଆପରାଧିକ ମାମଲା ରୁଜୁ କରାଯିବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନଳିନୀକାନ୍ତଙ୍କ ଉପରେ ପୁଣି ଭରସା କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୨୬।୬ (ବ୍ୟୁରୋ):** ଶନିବାର ବିଜେଡି ପକ୍ଷରୁ ନୂତନ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ସମ୍ବଲପୁର ଜିଲା ପାଇଁ ପୁଣି ଥରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଳିନୀକାନ୍ତ ପ୍ରଧାନଙ୍କ



ଉପରେ ଭରସା କରି ଦାୟିତ୍ୱ ପ୍ରଦାନ କରିଛନ୍ତି। ପୁଣି ଥରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଦାୟିତ୍ୱ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏ ସମ୍ପର୍କରେ ପ୍ରଧାନ କହିଛନ୍ତି, ବିଗତ କିଛି ବର୍ଷ ହେବ ଜିଲାରେ ବିଜେଡି କର୍ମୀ ଓ ନେତାଙ୍କୁ ଏକଜୁଟ କରାଯାଇଛି। ତୃଣମୂଳ ସ୍ତରରେ ସଭ୍ୟ ସଂଗ୍ରହ ଜାରିରହିଛି। ଅଭିଜ୍ଞ ନେତା, କର୍ମୀଙ୍କୁ ନେଇ ଦଳ କିପରି ଆହୁରି ସୁଦୃଢ଼ ହେବ ସେ ନେଇ କାର୍ଯ୍ୟ କରାଯିବ। ପୂର୍ବତନ ଟାଉନ ସଭାପତି ବସନ୍ତ ମିଶ୍ର, ମହିଳା ନେତ୍ରୀ ମମତା ପଣ୍ଡା, ଯୁବ ନେତା ପ୍ରଶାନ୍ତ ଥାପା, ଆଇନଜୀବୀ ରାଙ୍ଗିୟନାଥ ଷଡଙ୍ଗୀ, ନିଶିକାନ୍ତ ବିଶ୍ୱାଳ, ବିଜେଡି ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ର, ଦଳର ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି।

### ଇବ୍‌ନଦୀରୁ ଯୁବକଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୨୬।୬:** ଝାରସୁଗୁଡ଼ା ସଦର ଥାନା ଲହଣ୍ଡାବୁଡ ନିକଟ ଇବ୍‌ନଦୀରେ ଭାସୁଥିବା ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଅଗ୍ନିଶମ ବିଭାଗ ଶନିବାର ଉଦ୍ଧାର କରିଛି । ମୃତଦେହକୁ ସଦର ଥାନା ପୋଲିସ ଜବତ କରି ରବିବାର ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ଜଣାପଡିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ୧୧/୨୧) ରୁଜୁ ହୋଇଛି। ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟାକରି ନଦୀରେ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ମୃତଦେହ ନଦୀପାଣିରେ ଭାସିଆସି ଲହଣ୍ଡାବୁଡ କୂଳରେ ଲାଗିଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ସଦର ଥାନା ଆଇଆଇସି ସୁଚିସ୍ମିତା ମହାନ୍ତି ଓ ଝାରସୁଗୁଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ଏହାକୁ ଉଦ୍ଧାର କରିଥିଲେ।

### ଜିଲାରେ ଗୋହତ୍ୟା ବନ୍ଦ ଦାବି

**ସମ୍ବଲପୁର,୨୬।୬ (ବ୍ୟୁରୋ):** ସମ୍ବଲପୁର ଜିଲାରେ ଗୋହତ୍ୟା ବନ୍ଦ କରିବାକୁ ଦାବି ହୋଇଛି। ଏ ନେଇ ଶୁକ୍ରବାର ସମ୍ବଲପୁର ହୀରାଭୂମି ନାଗରିକ ପରିଷଦ କର୍ମକର୍ତ୍ତା ଓ ସଭ୍ୟମାନେ ଅତିରିକ୍ତ ଜିଲାପାଳ ପ୍ରକାଶ ରାଜଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ସମ୍ପ୍ରତି ଧନୁପାଲି ଥାନା ଅଞ୍ଚଳରେ ଶତାଧିକ ଗୋହତ୍ୟା କରାଯାଇ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାକୁ ଚାଲାଣ କରାଯାଉଛି। ଏହା ରୋକିବା ଦିଗରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିବା ଆବଶ୍ୟକ। ୨୦୧୦ରେ ପ୍ରସ୍ତାବିତ ସ୍ଥାନରେ ପୋଲିସ ଫାଣ୍ଡି, ଗୋହତ୍ୟା ବିରୋଧରେ ସଚେତନତା ସୃଷ୍ଟି, ବୁଲା ଗାଈମାନଙ୍କୁ ଗୋଶାଳାରେ ରଖିବା ଲାଗି ଜିଲା ପ୍ରଶାସନ ନିକଟରେ ଦାବି କରାଯାଉଛି। ନାଗରିକ ପରିଷଦର ସଂଯୋଜକ ଦାମୋଦର କର, ଶ୍ରୀକାନ୍ତ ପଣ୍ଡା, ଆଭାଷ ପଣ୍ଡା, ଭବେଶ ପାଣ୍ଡେ, ପ୍ରଣୟ କୁମାର ତ୍ରିପାଠୀ ଓ ବଳରାମ ବେହେରା ସାମିଲ ଥିଲେ।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ଆଲୋଚନାଚକ୍ର

**ସମ୍ବଲପୁର,୨୬।୬ (ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ନାକୁ ହାଁସଦାଙ୍କ ଅଧକ୍ଷତାରେ ଓଡ଼ିଆ ଭ୍ରମଣ କାହାଣୀ ଶୀର୍ଷକରେ ଆଲୋଚନା ହୋଇଥିଲା। ସ୍ନାତକୋତ୍ତର ବିଭାଗ ସମୂହ ଅଧକ୍ଷ ପ୍ରଫେସର ସଞ୍ଜିତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ମଣିନ୍ଦ୍ର କୁମାର ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡ. ଗୋପୀନାଥ ବାଗ ଅତିଥି ପରିଚୟ ଓ ଡ. ଶୁକମୁନି ମେହେର ଧନ୍ୟବାଦ ଦେଇଥିଲେ। ଭର୍ଚୁଆଲ ଜରିଆରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ପ୍ରସ୍ତାବରେ ଅଟକିଛି ବୁର୍ଲା ରିଂରୋଡ

**ସମ୍ବଲପୁର,୨୬।୬(ବ୍ୟୁରୋ)**



### ୫ ବର୍ଷ ପରେ ବି ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇନାହିଁ

ସହରରେ ଟ୍ରାଫିକ୍ ସମସ୍ୟା ଦୂର କରିବା ସହ ଯାତାୟାତ ସୁବିଧା ପାଇଁ ବୁର୍ଲା ରିଂରୋଡ ନିର୍ମାଣ ଯୋଜନା କରାଯାଇଥିଲା। ୨୦୧୬ ମସିହାରେ ପ୍ରାଥମିକ ଭାବେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ହେଲେ ୫ବର୍ଷ ପରେ ବି ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇନାହିଁ। ଏଥିପାଇଁ ସ୍ୱତନ୍ତ୍ର ବଜେଟ ମଧ ମଞ୍ଜୁର ହୋଇ ନ ଥିବା ଜଣାପଡିଛି। ପ୍ରଶାସନର ଆନ୍ତରିକତା ଓ ଅନୁଦାନ ଅଭାବ ଯୋଗୁ ଯୋଜନା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି।

ମହାନଦୀ ତଟରେ ସହରରେ ମହାତ୍ମା ଗାନ୍ଧୀ ରିଂ ରୋଡ୍ ରହିଛି। ଏହା କଚେରି ଛକରୁ ୫୫ନଂ. ଜାତୀୟ ରାଜପଥ ଲକ୍ଷ୍ମୀଡୁଙ୍ଗୁରୀ ପର୍ଯ୍ୟନ୍ତ ରହିଛି। ମହାନଦୀ ଅପରପଟେ ଚାଆଁରପୁରଠାରୁ ବୁର୍ଲା ଅଶୋକ ନିବାସ ପର୍ଯ୍ୟନ୍ତ ଆଉ ଏକ ରିଂରୋଡ ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା। ଏଥିପାଇଁ ପୂର୍ତ୍ତ ବିଭାଗ-୨କୁ ବ୍ୟୟ ଅଟକଳ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ତ୍ତ ବିଭାଗ ପ୍ରଥମେ ଜମି ମାପଚୁପ କରିଥିଲା। ଚାଆଁରପୁରଠାରୁ ଅଶୋକ ନିବାସ ପର୍ଯ୍ୟନ୍ତ ପ୍ରାୟ ୧୪ କି.ମି. ରୋଡ ନିର୍ମାଣ ପାଇଁ ମାପଚୁପ ହୋଇଥିଲା। ଏଥିରେ ୪୧ ଏକର ୮୩ ଡେସିମିଲ ଘରୋଇ ଜମି ଚିହ୍ନଟ ହୋଇଥିଲା। ଏହା ସହ ସରକାରୀ ଜମି ମଧ ରହିଛି। ପ୍ରଥମ ପର୍ଯ୍ୟାୟରେ ଚାଆଁରପୁରଠାରୁ ସାଢେ ୩ କି.ମି. ରାସ୍ତା ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ବ୍ୟୟ ଅଟକଳ କରି ସରକାରଙ୍କ ପାଖକୁ ପଠାଯାଇଛି। ଜମି ଅଧିଗ୍ରହଣ ପରେ କାମ ଆଗେଇବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ବୈଶିଷ୍ଟ ପଟ୍ଟନାୟକ କହିଛନ୍ତି।

ସୂଚନାଯୋଗ୍ୟ ମହାନଦୀ ଦ୍ୱିତୀୟ ସେତୁ ହେବା ପରେ ଅପରପାର୍ଶ୍ୱକୁ ଗମନାଗମନ ସୁବିଧା ହୋଇଯାଇଛି। ବସନ୍ତପୁରରେ ସୈନିକ ସ୍କୁଲ, ପୋଲିସ ଟ୍ରେନିଂ ସେଣ୍ଟର, ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟର, ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ରହିଛି। ଏହା ସହ ଭିମ୍‌ସାର, ଭିସୁଟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନଗୁଡିକ ରହିଛି। ଏହି ରିଂରୋଡ ନିର୍ମାଣ ହୋଇଗଲେ ଏସବୁ ଅନୁଷ୍ଠାନ ଉପରେ ନିର୍ଭର କରୁଥିବା ଲୋକମାନଙ୍କୁ ଯାତାୟାତରେ ସୁବିଧା ହେବ। ଏହା ସମ୍ବଲପୁର ସହରର ସୌନ୍ଦର୍ଯ୍ୟ ବଢାଇବାରେ ସହାୟକ ହେବ। ପର୍ଯ୍ୟଟକମାନଙ୍କ ପାଇଁ ମଧ ସୁବିଧା ହେବ। ସେମାନେ ସମଲେଇ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ଦର୍ଶନ କଲାପରେ ସହଜରେ ବୁର୍ଲା ଯାଇପାରିବେ। ତେଣୁ ଏହି ପ୍ରକଳ୍ପ ଶୀଘ୍ର ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

# ଭିମ୍‌ସାରରୁ ୩ ଦଲାଲ ଗିରଫ



ଗିରଫ ୩ ଅଭିଯୁକ୍ତ।

**ସମ୍ବଲପୁର,୨୬।୬(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର ବ୍ଲଡବ୍ୟାଙ୍କ ସମ୍ମୁଖରୁ ପୋଲିସ ୩ଜଣ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ ଗରିବ ଲୁହା (୩୬), ଅଜିତ ନାଏକ (୪୦) ଓ ଶଙ୍କର ବାରିକ (୪୨)। ଅଭିଯୁକ୍ତମାନଙ୍କ ନିକଟରୁ ଏକ ଅଟୋ ସହ ନଗଦ ୧୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ବୁର୍ଲା ଥାନାରେ ୩୮୮/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ପୂର୍ବରୁ ଅନେକ ରୋଗୀ ସମ୍ପର୍କୀୟ ଠକାମିର ଶିକାର ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା। ଏପରିସ୍ଥଳେ ଶନିବାର ଅଭିଯୁକ୍ତମାନେ ବ୍ଲଡବ୍ୟାଙ୍କ ସମ୍ମୁଖରେ ଛିଡାହୋଇ ଲୋକଙ୍କୁ ଠକିବାକୁ ଚେଷ୍ଟା କରୁଥିଲେ। ଟଙ୍କା ଦେଲେ ରକ୍ତ ସହ ଚିକିତ୍ସାର ସମସ୍ତ ସୁବିଧା କରିଦେବେ ବୋଲି କହୁଥିଲେ। ପୋଲିସ ସାଦା ପୋଷାକରେ ଛପି ରହି ସେମାନଙ୍କୁ କାବୁ କରି ନେଇଥିଲା।

## କଂଗ୍ରେସ ପକ୍ଷରୁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୨୬।୬**

ବେଲପାହାଡର ବିଭିନ୍ନ ସମସ୍ୟା ନେଇ ଟାଉନ୍ କଂଗ୍ରେସ ସଭାପତି ଭାସ୍କର ପଟେଲଙ୍କ ନେତୃତ୍ୱରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଘିଚାଘାଟସ୍ଥିତ ଶ୍ମଶାନ ଘାଟରେ ଆଉ ଏକ ଶବଦାହ ସ୍ଥାନ ସହିତ ପ୍ରେକ୍ଷାଳୟ ନିର୍ମାଣ, ଆମ୍ବୁଲାନ୍ସ ସମସ୍ୟା ସମାଧାନ, ଡ୍ରେନେଜ୍ ସମସ୍ୟା ଦୂର କରିବା ସହ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଆଦି ଦାବି ଉଲ୍ଲେଖ କରାଯାଇଛି । ଏହା ସହିତ ପୌର ପରିଷଦର ଜଣେ କର୍ମଚାରୀ ୨୦ ସାନିଟେଶନ୍ ବାଲ୍‌ଟି ଓ ଏକବସ୍ତା ବ୍ଲିଚିଂ ପାଉଡର ନେଇ ଏକ ଭଡାଘରେ ଲୁଚାଇ ରଖିଥିଲେ । ଏ ସମ୍ପର୍କରେ ପଚାରିବାରୁ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ପରେ ଉକ୍ତ ଭଡାଘରୁ ସେସବୁକୁ ଉଦ୍ଧାର କରାଯାଇଥିଲା । ଏଭଳି ବେଆଇନ୍



ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

କାର୍ଯ୍ୟର ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଜିଏମ୍‌ୟୁ ମନୋବିଜ୍ଞାନ ବିଭାଗରେ ଜାତୀୟ ଆଲୋଚନାଚକ୍ର

**ସମ୍ବଲପୁର,୨୬।୬ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମନୋବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସିକତା ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ବେଙ୍ଗାଲୁରସ୍ଥିତ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ଡ. ମନୋଜ ଶର୍ମା ଭର୍ଚୁଆଲରେ ଆଲୋଚନା କରିଥିଲେ। କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଡ. ଉମାଚରଣ ପତି, ପିଜି କାଉନସିଲ ଅଧକ୍ଷ ଡ. ମୋହିନ ମହମ୍ମଦ ଯୋଗଦେଇଥିଲେ। ନଭସଞ୍ଚାର ଜରିଆରେ ଅଧ୍ୟାପିକା, ଅଧ୍ୟାପକ, ଗବେଷିକା, ଗବେଷକ ଓ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅଧ୍ୟାପିକା ଡ. ରୂପଶ୍ରୀ ଗୋସ୍ୱାମୀ ଅତିଥି ପରିଚୟ ଦେଇଥିଲେ।

## ଝାରସୁଗୁଡ଼ା ପୌରାଞ୍ଚଳରେ ସାନିଟାଇଜ୍ ଆରମ୍ଭ

**ଝାରସୁଗୁଡ଼ା ଅଫିସ,୨୬।୬**

ଝାରସୁଗୁଡ଼ା ପୌର ପରିଷଦ ଓ ହମ୍ ସଙ୍ଗଠନର ମିଳିତ ଉଦ୍ୟମରେ ଶନିବାର ପୌରାଞ୍ଚଳର ୮ନଂ. ୱାର୍ଡ ଝରିଆନାଳରୁ ସାନିଟାଇଜ୍ ଆରମ୍ଭ ହୋଇଛି। ଏହାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନରସିଂହ ବିଷ୍ଣୁପ୍ରିୟା ସେବା ଟ୍ରଷ୍ଟର ଟ୍ରଷ୍ଟି ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ସିଏଲ୍, ପୌର ପରିଷଦ ଓ ବେଦାନ୍ତ କମ୍ପାନୀର ସାନିଟାଇଜ୍ ଗାଡି ନିୟୋଜିତ ହୋଇଛି। ଏହି ଗାଡି ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡକୁ ଯାଇ ସାନିଟାଇଜ୍ କରିବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମୁଖ୍ୟଅତିଥି ଦାସ କହିଛନ୍ତି। ଏଥିରେ ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ, ସନ୍ଦିପ ଅବସ୍ଥୀ, ରାଓ, ବାବୁନ ସରକାର, ପବନ ହରିଶ ଗଣତ୍ରା, ପିରାମମୋହନ ସିଂହ ଯାଦବ ପ୍ରମୁଖ ଉପସ୍ଥିତଥିଲେ ।




ସାନିଟାଇଜ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟଅତିଥି।

## ଏମ୍‌ସିଏଲ୍ ସେଣ୍ଟ୍ରାଲ ହସ୍ପିଟାଲରେ ଡାଏଲିସିସ୍ ସେଣ୍ଟର ଉଦ୍‌ଘାଟିତ




ଭର୍ଚୁଆଲରେ ଡାଏଲିସିସ୍ ସେଣ୍ଟର ଉଦ୍‌ଘାଟନ କରାଯାଉଛି।

**ସମ୍ବଲପୁର,୨୬।୬ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଝାରସୁଗୁଡ଼ା ଜିଲାସ୍ଥିତ କମ୍ପାନୀର ସେଣ୍ଟ୍ରାଲ ହସ୍ପିଟାଲଠାରେ ଡାଏଲିସିସ୍ ସେଣ୍ଟର ଶନିବାର ଉଦ୍‌ଘାଟିତ ହୋଇଛି। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ତଥା ଅଧକ୍ଷ ପିକେ ସିହ୍ନା ସେଣ୍ଟରକୁ ଭର୍ଚୁଆଲ ଜରିଆରେ ଉଦ୍‌ଘାଟନ କରିଥିଲେ। ବୈଷୟିକ ପରିଚାଳନା ନିର୍ଦ୍ଦେଶକ ଓପି ସିଂ, ବିତ୍ତ ନିର୍ଦ୍ଦେଶକ କେଆର ବାସୁଦେବନ, କାର୍ମୀକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ପରିଯୋଜନା ଓ ଯୋଜନା ନିର୍ଦ୍ଦେଶକ ବବନ ସିଂ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲଙ୍କ ସମେତ ଶ୍ରମିକ ସଂଗଠନ ପ୍ରତିନିଧି, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବରୁ ଝାରସୁଗୁଡା ଜିଲା ମୁଖ୍ୟାଳୟରେ ଏକ ଡାଏଲିସିସ୍ କେନ୍ଦ୍ର ରହିଛି। ଏବେ ଦୁଇଟି କେନ୍ଦ୍ରରେ କିଡ୍‌ନୀ ରୋଗୀମାନେ ସୁବିଧାରେ ଚିକିତ୍ସିତ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## କେନାଲରେ ବୁଡ଼ି ୨ ଶିଶୁ ମୃତ

**ରାଉରକେଲା ଅଫିସ,୨୬।୬:** କେନାଲରେ ବୁଡିଯିବାରୁ ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଲୁଙ୍ଗେଇବସ୍ତି କେନାଲପଡାର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁ ଦ୍ୱୟ ହେଲେ ଉକ୍ତ ପଡାର ଅନିସ ଟପ୍ପୋ (୪) ଓ ତ୍ରିଦେବ ମହାନନ୍ଦିଆ (୨)। ବ୍ରାହ୍ମଣୀ ତରଙ୍ଗ ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ହସ୍ପିଟାଲକୁ ପଠାଇଛି। ସୂଚନା ଅନୁସାରେ, ବେଦବ୍ୟାସ ଲୁଙ୍ଗେଇବସ୍ତି କେନାଲପଡାରେ ପ୍ରଦୀପ ମହାନନ୍ଦିଆ ଓ ବିକ୍ରମ ଟପ୍ପୋଙ୍କ ପରିବାର ସହ ରହନ୍ତି। ଶନିବାର ଅପରାହ୍ନ ପ୍ରାୟ ୫ଟାରେ ପ୍ରଦୀପଙ୍କ ପୁଅ ତ୍ରିଦେବ, ବିକ୍ରମଙ୍କ ପୁଅ ଅନିସ କେନାଲ ପାର୍ଶ୍ୱରେ ଖେଳୁଥିଲେ। ଗୋଡ ଖସିଯିବାରୁ ଉଭୟ କେନାଲରେ ବୁଡି ଯାଇଥିଲେ। ସନ୍ଧ୍ୟାରେ ଦୁହେଁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ସେମାନଙ୍କୁ ପାଇ ନ ଥିଲେ। ଶୌଚ ପାଇଁ ଯାଇଥିବା କେତେକ ଲୋକ ଦୁଇ ଶିଶୁଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି ।

## ଏ-୧ ଗ୍ରେଡ୍‌ରେ ୫୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

**ସୁନ୍ଦରଗଡ,୨୬।୬ (ଡି.ଏନ୍.ଏ.)**

### ସୁନ୍ଦରଗଡ଼ ଜିଲା

ଶୁକ୍ରବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ସୁନ୍ଦରଗଡ ଜିଲାରେ ଏହି ପରୀକ୍ଷାରେ ପାସ କରିଥିବା ମୋଟ ୨୪ହଜାର ୪୫୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୫୦ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ୫୦ଜଣଙ୍କ ମଧ୍ୟରେ ବଣେଇଁ ରାଜା ଧରଣୀଧର ହାଇସ୍କୁଲର ଛାତ୍ରୀ ସୁଭଦ୍ରା ପ୍ରଧାନ ମୋଟ ୫୭୨ ନମ୍ବର ରଖି ଜିଲାରେ ପ୍ରଥମ ହୋଇଛନ୍ତି। ସେହିପରି ରାଉରକେଲା ସେକ୍ଟର ୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁହାନୀ ନାୟକ ୫୬୧ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଶିଶୁ ବିଦ୍ୟାମନ୍ଦିରର ୧୬ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସୁନ୍ଦରଗଡ ଶିଶୁ ବିଦ୍ୟାମନ୍ଦିରର ୩ ଜଣ, ରାଉରକେଲା ସେକ୍ଟର ୭ ଚିନ୍ମୟ ବିଦ୍ୟାଳୟର ୩ଜଣ, ସୁନ୍ଦରଗଡ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୫ଜଣ, ରାଉରକେଲା ବିବେକାନନ୍ଦ ଶିକ୍ଷାସଦନର ୨ଜଣ, ବଡଗୋଗୁଆ ହାଇସ୍କୁଲର ୨ଜଣ, ଜଗଦା ପ୍ରଗତି ବିଦ୍ୟାମନ୍ଦିରର ୨ଜଣ, ରାଉରକେଲା ସେକ୍ଟର ୨୦ ଏନଏସି (ଏସଟି) ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ, ଲେଫ୍ରିପଡା ବ୍ଲକ ଛଟେନପାଲି ହାଇସ୍କୁଲର ୨ଜଣ, ଗିରିଙ୍ଗକେଲା ହାଇସ୍କୁଲର ୩ଜଣ, ବଣାଇଁ ବଡଗୋଗୁଆ ହାଇସ୍କୁଲର ୨ଜଣ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଜଣେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣହୋଇଥିବା ଜଣାଯାଇଛି।

# ୨୦୨୨ସୁଦ୍ଧା ସମସ୍ତ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ

**ଝାରସୁଗୁଡ଼ା ଅଫିସ,୨୬।୬**

### ଜିଲା ପରିଷଦ ବୈଠକ

ଝାରସୁଗୁଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲଙ୍କ ପୌରୋହିତ୍ୟରେ ଶନିବାର ଜିଲା ପରିଷଦ ବୈଠକ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଆର୍ଥିକବର୍ଷ ୨୦୨୦-୨୧ ଓ ୨୦୨୧-୨୨ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଓଡ଼ିଶା ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ବିଜୁ ପକ୍କାଘର ଯୋଜନା, କେନ୍ଦ୍ରୀୟ ଅର୍ଥ କମିଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଆର୍ଥିକବର୍ଷ ୨୦୨୦-୨୧ର ଦ୍ୱିତୀୟ କିସ୍ତି ଓ ୨୦୨୧-୨୨ ନିମନ୍ତେ ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ଓ ୫ମ ରାଜ୍ୟ ଅର୍ଥ କମିଶନ ଯୋଜନା (ଜିଲା ପରିଷଦ ଅଂଶ) ବାବଦକୁ ମିଳିଥିବା ପାଣ୍ଠି ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତିରାଜ ଓ ପାନୀୟଜଳ, କୃଷି ଓ କୃଷକ ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ମତ୍ସ୍ୟ ଓ ପଶୁସମ୍ପଦ, ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ଜଙ୍ଗଲ ଓ ପରିବେଶ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ଆଦି ବିଭାଗର କାର୍ଯ୍ୟରେ ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

ନିର୍ଦ୍ଧାରିତ ସମୟ ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟର ସଫଳତା ଉପରେ ଗୁରୁତ୍ୱାରୋପ କରି ଜିଲାପାଳ ସରୋଜ ସାମଲ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଗତ ଆର୍ଥିକବର୍ଷରେ ୧୮ଲକ୍ଷ ୬୯ହଜାର ୫ଶହ ଶ୍ରମଦିବସ ସୃଷ୍ଟି ହୋଇପାରିଛି ବୋଲି ସୂଚନା ଦେଇଥିଲେ। କୋଭିଡ୍ ନିୟନ୍ତ୍ରଣରେ ଜିଲା ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି ବୋଲି କହିଥିଲେ। ୨୦୨୨ସୁଦ୍ଧା ଗ୍ରାମାଞ୍ଚଳରେ ସମସ୍ତ ଘରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇଦେବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ, ଗ୍ରାମାଞ୍ଚଳରେ ସବୁଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜିଲାପାଳ ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ବିଧାୟକଙ୍କ ପ୍ରତିନିଧି ଦୀପାଳି ଦାସ, ଏମ୍‌ପିଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ବ୍ରଜରାଜନଗର ବିଧାୟକଙ୍କ ପ୍ରତିନିଧି ବିଶ୍ୱନାଥ ନାୟକ, ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ଡିଏଫ୍‌ଓ ଲଳିତ ପାତ୍ର, ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୧/୨୧/୦୯, ତାରିଖ: ୨୩।୦୬।୨୦୨୧।

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

କ୍ର.ସଂ.: ୧. ଟେଣ୍ଡର ନଂ.: ୧୧୨୧୫୨୩୪ । ଧାର୍ଯ୍ୟ ତାରିଖ: ୧୯।୦୭।୨୦୨୧ । ଧାର୍ଯ୍ୟ ସମୟ: ୧୦.୩୦ ଘଟିକା । ଟେଣ୍ଡର ମୂଲ୍ୟ (ଟଙ୍କା): ୦୦ । ଇଏମ୍‌ଡି (ଟଙ୍କା): ୦୦ । ବର୍ଣ୍ଣନା- ରେଳ ଟ୍ରାକ୍ ଭିତ୍ତିକ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ, ସମ୍ପୂର୍ଣ୍ଣ ପ୍ରଣାଳୀ ଆର୍‌ଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂଖ୍ୟା ଆଇଆର୍‌ଏସ୍‌ଟି-୪୮ ସମେତ ଏସିଏସ୍-୦୧ ତାରିଖ ୨୬।୦୨।୨୦୨୦ ଅନୁରୂପ (ପ୍ୟାସେଜ୍ ୩.୬ – ବର୍ଗ (ii) ୧ କି.ମି. ଟାଇପ୍) ସ୍ଥାପନ ତାରିଖରୁ ୨ ବର୍ଷର ୱାରେଣ୍ଟି ସହିତ, ଏଏମ୍‌ସିର ଅର୍ଥ ହେଉଛି ୱାରେଣ୍ଟି ଅବଧିରେ କମିଶନିଂ ତାରିଖରୁ ୨ ବର୍ଷ ପାଇଁ ରେଳ ଟ୍ରାକ୍ ଭିତ୍ତିକ ଲୁବ୍ରିକେଟର୍‌ର ନିରବଚ୍ଛିନ୍ନ କାର୍ଯ୍ୟକ୍ଷମତା ପାଇଁ ସ୍ଥାପନ କରାଯାଇଥିବା ସାଇଟ୍‌ରେ ରକ୍ଷଣାବେକ୍ଷଣ ଏବଂ ସବୁପ୍ରକାର ଆବଶ୍ୟକ ସହାୟତା ସମେତ କୁଶଳୀ ଇଞ୍ଜିନିୟର, ତତ୍‌ସମ୍ପର୍କିତ ଶ୍ରମିକ ଓ ଶ୍ରମବଳ, ସମସ୍ତ ସାଧନ, ପ୍ଲାଣ୍ଟ, ଲିଡ୍ ମେଶିନେରିର ଉପଲବ୍ଧତା ।

ଟେଣ୍ଡରଦାତା ଦୟାକରି ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ ।

ଦ୍ରଷ୍ଟବ୍ୟ: ବିବାଦୀୟ ପରିସ୍ଥିତିରେ ଇଂରାଜୀ ଲେଖା ସଂସ୍କରଣକୁ ପ୍ରମାଣିତ ଭାବେ ବିବେଚନା କରାଯିବ ।

ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର
CPR/10/73 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୫୪୯, ୨୨୨୫୪୨୧, ୨୨୨୦୭୬୦
ଫାକ୍ସ: ୦୬୧୨-୨୨୨୬୪୯୧

ନଂ. ସିଡବ୍ଲ୍ୟୁସି ଆର୍‌ଓ-ପାଟନା/ଇଏନ୍‌ଜିଜି/ଜଟଣୀ/ଏନ୍‌ଆଇଟି/୧୮/୨୦୨୧-୨୨ ତାରିଖ: ୨୬।୦୬।୨୦୨୧

**ଇ-ଟେଣ୍ଡର ନଂ. ୧୮ ଆହ୍ୱାନ**

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:-
୧. କାର୍ଯ୍ୟର ନାମ: ସିଡବ୍ଲ୍ୟୁ, ଜଟଣୀ (ଓଡ଼ିଶା) ସ୍ଥିତ ତଳିଆ ଅଞ୍ଚଳଗୁଡ଼ିକ ପାଇଁ ରିଟେନିଂ ୱାଲ୍ ଏବଂ ବାଉଣ୍ଡରୀ ୱାଲ୍ ସହିତ ଲ୍ୟାଣ୍ଡ ଫିଲିଂ । ଅଟକଳ ମୂଲ୍ୟ ଟଙ୍କାରେ: ୭୪,୭୯,୯୮୨/-, ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୧୨।୦୭।୨୦୨୧ ।
ସବିଶେଷ ଟେଣ୍ଡର ବିଜ୍ଞପ୍ତି ସହିତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/appରେ ଦେଖାଯାଇପାରିବ ଏବଂ ଡାଉନଲୋଡ୍ କରାଯାଇପାରିବ । ଏହି ଟେଣ୍ଡର ସମ୍ବନ୍ଧୀୟ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/app (ସିପିପି)ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜ ବିଜ୍ଞାପନ ଜାରି କରାଯିବ ନାହିଁ ।
କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

## କରୋନା ପରେ ହୃଦ୍‌ଘାତରେ ଛାତ୍ରଙ୍କ ମୃତ୍ୟୁ

ବାଉଁଶୁଣୀ,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ରଥପଡାର ଶୁଭମ କୁମାର ଚାନ୍ଦ (୨୩)ଙ୍କ ହୃଦ୍‌ଘାତରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ପରଲୋକ ହୋଇଯାଇଛି । ସେ ଜଣେ ମେଧାବୀ ଛାତ୍ର ଥିଲେ । ମାଟ୍ରିକରୁ ଏମଏସି ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଗତ ଦେଢ଼ ମାସ ତଳେ କରୋନାରେ ଆକ୍ରାନ୍ତ ହୋଇ ପରେ ସୁସ୍ଥ ହୋଇଥିଲେ । ଗତ ୨୦ ତାରିଖରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ୨୪ ତାରିଖ ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା । ବୀରମହାରାଜପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ବଡଭାଇ ଅଭିଷେକ ମୁଖାଗ୍ନି ଦେଇଥିଲେ ।

**ସଂକ୍ଷେପରେ**

## ଶ୍ମଶାନରେ ଲଗାଇଲେ ଫଟୋ



ବରଗଡ଼ ଅଫିସ୍,୨୬।୬: କରୋନା ଟିକାକରଣ କେନ୍ଦ୍ର ତଥା ଟିକା ପ୍ରମାଣପତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଲାଗିବା ଘଟଣାକୁ ବରଗଡ଼ ଜିଲା ଛାତ୍ର କଂଗ୍ରେସ ବିରୋଧ କରିଛି। ଏହି କ୍ରମରେ କଂଗ୍ରେସ କର୍ମୀମାନେ ବରଗଡ଼ ସ୍ୱର୍ଗଦ୍ୱାର(ଶ୍ମଶାନ)କୁ ଯାଇ ମୁଖ୍ୟ ଫାଟକରେ ମୋଦି ଓ ନବୀନଙ୍କ ଫଟୋ ଲଗାଇ ପ୍ରତିବାଦ କରିଥିଲେ । ପ୍ରଦେଶ ଛାତ୍ର କଂଗ୍ରେସର ସୋସିଆଲ ମିଡ଼ିଆ ଉପାଧ୍ୟକ୍ଷ ଅଭିଷେକ ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତିଙ୍କ ସମେତ ଦଳୀୟ କର୍ମୀମାନେ ଶ୍ମଶାନକୁ ଯାଇ ଫଟୋ ଲଗାଇଥିଲେ ।

## ଦେଓଗାଁ ପଞ୍ଚାୟତ ସମିତି ବୈଠକ

ଦେଓଗାଁ,୨୬।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଶୁକ୍ରବାର ଭର୍ଚୁଆଲ ଯୋଗେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ଉପାଧକ୍ଷ ରାଜୁ ବାଗ, ବିଡିଓ ମୁରଲୀଧର ନାଏକ, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏମପି ପ୍ରତିନିଧି ଅମିତ ସିଂ ନିନା, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ଓ ନିଜ ନିଜ ପଞ୍ଚାୟତ ମୁଖ୍ୟାଳୟରୁ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଭର୍ଚୁଆଲ ମାଧମରେ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ବୈଠକରେ ଉନ୍ନୟନ କାର୍ଯ୍ୟ ଓ ଜଳସେଚନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସର୍ବସମ୍ମତି କ୍ରମେ ସିଏଫସି ଓ ଏସଏଫସି ପାଣ୍ଠି ୨୦୨୧-୨୨ପାଇଁ ବାର୍ଷିକ ଖସଡା ଉପରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଦେଓଗାଁ ବ୍ଲକରେ ଜଳସେଚନ କିପରି ଅଧିକ ପରିମାଣରେ ହୋଇପାରିବ ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦାବି କରିଥିଲେ ଜିଲା ପରିଷଦ ସଭ୍ୟ ଚାନ୍ଦ । କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ କୁମୁରିଆରେ ସ୍କୁଲ କୋଠା ନ ଥିବାରୁ ସ୍କୁଲ କୋଠା ନିର୍ମାଣ ପାଇଁ ଉପାଧକ୍ଷ ରାଜୁ ବାଗ ଦାବି କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳୀ ନାଏକ ଧନ୍ୟବାଦ ଦେଇଥିଲେ ।

## ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଟିକାକରଣ

ବାଉଁଶୁଣୀ,୨୬।୬ (ଡି.ଏନ.ଏ): ବୌଦ୍ଧ ବ୍ଲକ ନୂଆପାଲି ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଅସ୍ଥାୟୀ କୋଭିଡ ଟିକାକରଣ କେନ୍ଦ୍ର କରାଯାଇଛି । ତେବେ ଏହି କେନ୍ଦ୍ରର ପରିବେଶ ଅସ୍ୱାସ୍ଥ୍ୟକର ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ,ଲକ୍‌ଡାଉନ ଯୋଗୁ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଥିବା ହେତୁ ପରିବେଶ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇପଡିଛି । ଅଙ୍ଗନୱାଡି କେନ୍ଦ୍ର ଖୋଲା ନ ଗଲେ ମଧ ସ୍କୁଲ ପରିସରକୁ ସଫା ରଖିବାକୁ ସରକାରୀ ନିର୍ଦ୍ଦେଶ ଥିଲେ ହେଁ ଏଠାରେ ତାର ବ୍ୟତିକ୍ରମ ହୋଇଛି ।

## ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୨୬।୬: ବଲାଙ୍ଗୀର ସହର ରାଧାରାଣୀପଡାର ବୟୋଜ୍ୟେଷ୍ଠ ନାଗରିକ ଭାବେ ପରିଚିତ କୁନ୍ଦା ସାହୁ (୮୭)ଙ୍କ ତାଙ୍କ ବାସଭବନରେ ପରଲୋକ ଘଟିଛି। କିଛିଦିନ ହେଲା ସେ ଅସୁସ୍ଥ ହୋଇପଡିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଘରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ପରଲୋକ ଘଟିଥିଲା। ସେ ଜଣେ ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ସ୍ତ୍ରୀ, ବଡପୁଅ ସୁଦାମ ସାହୁ, ବୋହୂ ଗୌରୀ, ସାନପୁଅ ସୁରେନ୍, ଝିଅଜ୍ୱାଇ, ନାତିନାତୁଣୀ ଅଛନ୍ତି। ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ବଡପୁଅ ସୁଦାମ ମୁଖାଗ୍ନି ଦେଇଥିଲେ।

# ପିଲା ଅଧିକ, ସିଟ୍ କମ୍

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

**ଦଶମ ପାସ୍ ପରେ ନାମଲେଖାକୁ ନେଇ ଆଶଙ୍କା**

ଚଳିତବର୍ଷ ବିନା ପରୀକ୍ଷାରେ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥର ରେକର୍ଡ ସଂଖ୍ୟକ ପାସ୍ ହାର ୯୭.୮୯% ରହିଛି। ଏଥରର ପାସ୍ ହାର ଖୁସି ଦେଇଥିଲେ ମଧ୍ୟ ଭଲ କଲେଜରେ ସିଟ୍ ମିଳିବା ନେଇ ଛାତ୍ରୀଛାତ୍ରଙ୍କ ମନରେ ଆଶଙ୍କା ଦେଖାଦେଇଛି। ସେପଟେ ପାସ୍ ହାର ସିନା ଅଧିକ ହୋଇଗଲା, କିନ୍ତୁ ଏତେ ପିଲା କେଉଁଠି ନାମ ଲେଖାଇବେ ତାକୁ ନେଇ ଏବେ ଆରମ୍ଭ ହୋଇଛି ଆଲୋଚନା ପର୍ଯ୍ୟାଲୋଚନା। କାରଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ତୁଳନାରେ କଲେଜରେ ଆବଶ୍ୟକ ସଂଖ୍ୟକ ସିଟ୍ ନାହିଁ।

ଚଳିତବର୍ଷ ରେଗୁଲାର, ଏକ୍ସ-ରେଗୁଲାର, ମୁକ୍ତ ବିଦ୍ୟାଳୟ, ମଧ୍ୟମା ଓ ମଦ୍ରାସା ବୋର୍ଡରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହେଲା ୬,୧୮,୮୮୫। ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଦଶମ ପରୀକ୍ଷାଫଳ ଏଯାଏ ପ୍ରକାଶ ପାଇନାହିଁ। ଏହି ଦୁଇ ବୋର୍ଡରୁ ପ୍ରତିବର୍ଷ ପ୍ରାୟ ୧୦ହଜାର ଛାତ୍ରୀଛାତ୍ର କଲେଜରେ ନାମ ଲେଖାଇଥାନ୍ତି। ତେଣୁ ଏଥର ପ୍ରାୟ ୬,୨୮,୮୮୫ ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଯୋଗ୍ୟ ହେବେ। ସେପଟେ ରାଜ୍ୟରେ ଯୁକ୍ତ୨, ଆଇଟିଆଇ, ଡିପ୍ଲୋମା ଓ ଅନ୍ୟ ଘରୋଇ କଲେଜକୁ ମିଶାଇ ପ୍ରାୟ ୬,୦୩,୧୧୩ସିଟ୍ ରହିଛି। ସେଥିମଧ୍ୟରେ ୨,୦୩୨ଟି ଯୁକ୍ତ୨ କଲେଜରେ ମୋଟ ୪,୪୩,୩୫୪ ସିଟ୍ ରହିଥିବାବେଳେ ଉଭୟ ସରକାରୀ ଓ ଘରୋଇ ଡିପ୍ଲୋମା ଏବଂ ଆଇଟିଆଇ କଲେଜର ସିଟ୍ ସଂଖ୍ୟା ରହିଛି ୧,୫୯,୭୫୯। ତେଣୁ ପ୍ରାୟ ୨୫ହଜାର ଛାତ୍ରୀଛାତ୍ରଙ୍କ ପାଇଁ ସିଟ୍ ଅଭାବ ହେବ। ରାଜ୍ୟ ସରକାର କେଉଁ ଉପାୟରେ ନାମ ଲେଖାଇବେ ତାକୁ ନେଇ ଏବେ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେଲାଣି। ଉପାନ୍ତ ଅଞ୍ଚଳରେ ବିଶେଷ କରି ପାଖ କଲେଜରେ ସିଟ୍ ନ ମିଳିଲେ ଡ୍ରପ୍ ଆଉଟ୍ ହାର ବଢ଼ିପାରେ। ଏଭଳି ସ୍ଥିତିରେ ଆଞ୍ଚଳିକ ଭିତ୍ତିରେ ସିଟ୍ ବଢ଼ାଇବା ଏକମାତ୍ର ସମାଧାନ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି। ବିଭାଗ ଏବେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ନା ସିଟ୍ ବୃଦ୍ଧି କରିବ ତା' ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଏଥର ପରୀକ୍ଷା ନ କରି ମାଟ୍ରିକ ଫଳ ପ୍ରକାଶ କରିଥିବାରୁ ପ୍ରବେଶିକା ପରୀକ୍ଷା କରିବାର ସମ୍ଭାବନା ନାହିଁ। ତେଣୁ ସିଟ୍ ବୃଦ୍ଧି ହିଁ ଏକମାତ୍ର ଉପାୟ ବୋଲି କୁହାଯାଉଛି।

ସେହିଭଳି ଏଥର ଅଧିକାଂଶ ପିଲା ଭଲ ନମ୍ବର ରଖିଥିବାରୁ ସେମାନେ ପସନ୍ଦଯୋଗ୍ୟ କଲେଜରେ ସିଟ୍ ପାଇବେ କି ନାହିଁ ତାହାକୁ ନେଇ ମଧ୍ୟ ଚିନ୍ତାରେ ରହିଛନ୍ତି। କାରଣ ଗତ ବର୍ଷ ଏ-୧(୯୧%ରୁ ଊର୍ଦ୍ଧ୍ୱ ନମ୍ବର)ରେ ପ୍ରାୟ ୧,୨୭୯ ପିଲା ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିବର୍ଷ ଏହା ୨ଗୁଣ ବୃଦ୍ଧି ପାଇ ୨,୬୫୬ରେ ପହଞ୍ଚିଛି। ସେହିପରି ଏ-୨(୮୧ରୁ ୯୦% ନମ୍ବର)ରେ ଗତ ବର୍ଷ ୮,୪୫୮ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏଥର ୨୨,୧୩୧ଜଣ ପାସ୍ କରିଛନ୍ତି। ତେଣୁ ଏ-୨ରେ ଥିବା ପିଲାମାନେ ଭଲ କଲେଜ ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି।ତେବେ ଏନେଇ ଶିକ୍ଷା ବିଭାଗର କୌଣସି ମତାମତ ମିଳିପାରି ନାହିଁ।

# ଆବାସ ଯୋଜନାରୁ ବଞ୍ଚିତ ଗରିବ ପରିବାର



ନିଜଘର ଆଗରେ ପରିବାର ସଦସ୍ୟଙ୍କ ସହ ଶଶି ମହାକୁର ।

ଲୋଇସିଂହା,୨୬।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ଗ୍ରାମର ଶଶି ମହାକୁର(୩୮)। ସ୍ତ୍ରୀ ଚୟଦେଈ, ପୁଅ ବରୁଣ, ଝିଅ ସାରଚି, ଭଉଣୀ ସବ୍ୟା ଓ ବିଧବା ମା ଦୁହିତୀ(୬୭)ଙ୍କୁ ନେଇ ତାଙ୍କ ପରିବାର। ଜମିବାଡି କିଛିନାହିଁ। ଜଳଖିଆ ହୋଟେଲରେ ମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଯାହା ପାରିଶ୍ରମିକ ମିଳେ ସେଥିରେ ବଡକଷ୍ଟରେ ଘର ଚଳୁଥିଲା। ଲକ୍‌ଡାଉନ ଓ ଶଟଡାଉନ ଯୋଗୁ ଏବେ ଜଳଖିଆ ଦୋକାନ ବନ୍ଦ ରହିଥିବାରୁ ରୋଜଗାର ହରାଇ ଘରେ ବସି ରହିଛନ୍ତି। ମା ଦୁହିତୀଙ୍କ ଭତ୍ତା ବାବଦ ୫ଶହ ଟଙ୍କା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳୁଛି। ଏଥିରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇ ପଡିଛି। ପେଟକୁ ଦୁଇଓଳି ଦାନା ଯୋଗାଇବା କଠିନ ହେଉଥିବା ବେଳେ ଭଙ୍ଗାଘରେ କିପରି ରହିବେ ସେହି ଚିନ୍ତା ଏବେ ଶଶିଙ୍କୁ ଘାରିଛି। ଦୀର୍ଘ ବର୍ଷ ତଳେ ବିଧବା ମା ଏକ ଇନ୍ଦିରା ଆବାସ ଘର ପାଇଥିଲେ। ସେହି ଆଜବେଷ୍ଟସ ଘର ଏବେ ଶୋଚନୀୟ ହୋଇପଡିଛି । ଏହାକୁ ମରାମତି କରିବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଆବାସ ଘର ପାଇଁ ଆବେଦନ କରି ସେ ନିରାଶ ହୋଇ ପଡିଥିବା କହିଛନ୍ତି ଶଶୀ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ସରପଞ୍ଚ ଉର୍କୁଲ ଧରୁଆଙ୍କୁ ପଚାରିବାରୁ ଶଶୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛି। ବିଡିଓଙ୍କ ସହ ଆଲୋଚନା କରି ଆବାସ ଯୋଗନାରେ ଏକ ଘର ଯୋଗାଇ ଦେବାକୁ ଚେଷ୍ଟା କରିବି ବୋଲି କହିଥିଲେ।

# ଟିକା ନେବାକୁ ସାମାଜିକ ଦୂରତ୍ୱ ଉଲ୍ଲଂଘନ



ବେହେରାମାଲ ଟିକାକେନ୍ଦ୍ର ସମ୍ମୁଖରେ ଲୋକଙ୍କ ଗହଳି।

ବିନିକା, ୨୬।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ରାମପୁର ତହସିଲ ଅଧୀନ ବେହେରାମାଲ ଟିକାକେନ୍ଦ୍ର ବାହାରେ ଟିକା ନେବା ପାଇଁ ଲୋକଙ୍କ ପ୍ରବଳ ଭିଡ ଜମୁଛି। ସାମାଜିକ ଦୂରତ୍ୱକୁ କେହି ମାନୁ ନାହାନ୍ତି। ଭିଡ ଦେଖିଲେ ଲାଗୁଛି ସତେ ଯେମିତି ଟିକା ନେବାକୁ ନୁହେଁ ବରଂ କରୋନାକୁ ନିମନ୍ତ୍ରଣ ଦେବା ପାଇଁ ସେମାନେ ଆସୁଛନ୍ତି। ଟିକା ନେବାର ବ୍ୟଗ୍ରତାରୁ ଟିକାକେନ୍ଦ୍ରରେ ଏହି ପରିସ୍ଥିତି ସୃଷ୍ଟି ହେଉଛି । ଟିକାକେନ୍ଦ୍ର ଖୋଲିବା ପୂର୍ବରୁ ଲୋକେ କେନ୍ଦ୍ରକୁ ଆସି ଭିଡ ଜମାଇ ଦେଉଛନ୍ତି। କେତେକ ପାଚେରି ଡେଇଁ ଟିକା କେନ୍ଦ୍ର ଗେଟ୍ ସମ୍ମାକୁ ଯିବାକୁ ପ୍ରୟାସ କରୁଛନ୍ତି। ଅନଲାଇନ(ସ୍ଲଟ୍ ବୁକିଙ୍ଗ) କରିଥିବା ଲୋକେ ବି ଟିକା ନେବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଭାଗୀୟ କର୍ତ୍ତୃପକ୍ଷ ବେହେରାମାଳ ଟିକାକେନ୍ଦ୍ରରେ କୋଭିଡ ନିୟମର ଯେଉଁଭଳି ଉଲ୍ଲଂଘନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

ବାଉଁଶୁଣୀ, ୨୬।୬ (ଡି.ଏନ.ଏ.)

କଣ୍ଟାମାଳ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ, ସୁଜି ଓ ବାଦାମ ଲଡୁ ବଣ୍ଟନ କରାଯାଉଥିବା ଅଭିଯୋଗ ହେଉଛି। ବୁଧବାର ଲମ୍ବସରି ପଞ୍ଚାୟତ ପିଣ୍ଡାପଦର ଅଙ୍ଗନୱାଡି କେନ୍ଦ୍ରରେ ଜାମୁଖୋଲ, ସାଙ୍କୋଚ, ସେଲାମାଲ ଓ ପିଣ୍ଡାପଦର ଗ୍ରାମର ଗର୍ଭବତୀ ମହିଳା ଓ ଅଭିଭାବକମାନେ ଏ ନେଇ ପ୍ରତିବାଦ କରି ନିମ୍ନମାନର ସାମଗ୍ରୀ ନେବାକୁ ମନା କରିବା ସହ କେନ୍ଦ୍ରରେ ତାଲା ପକାଇଥିଲେ। ଏହିସବୁ ସାମଗ୍ରୀ ପଥର୍ଲା ଗ୍ରାମର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଣ କରୁଥିବା ଜଣାପଡିଛି । ଛତୁଆ ପ୍ୟାକେଟରେ ୨୫ ମେ, ୨୦୨୧ ଲେଖାଥିବା ଜଣାପଡିଛି। ଏହା ଜୁନ ୨୩ତାରିଖରେ ବଣ୍ଟନ ହେଉଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା କେତେ ଦିନ ଖାଇବେ ବୋଲି ଗର୍ଭବତୀ ମହିଳାମାନେ ପ୍ରଶ୍ନ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ସାମଗ୍ରୀ ବଣ୍ଟନ କରୁଥିବା ବେଳେ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ କେନ୍ଦ୍ରର ଗ୍ରୀଲ ବନ୍ଦ କରି ଭିତରେ ରହିଥିଲେ। ଏହି ଅଙ୍ଗନୱାଡି କେନ୍ଦ୍ର ନିୟମିତ ଖୋଲୁ ନ ଥିବା ଓ ସାମଗ୍ରୀ ବଣ୍ଟନ ହେଉ ନ ଥିବା ଯୋଗୁ ଛତୁଆ, ସୁଜି ଓ ବାଦାମ ଲଡୁ ପ୍ୟାକେଟ ମୂଷା ଖାଇ ନଷ୍ଟ କରି ଦେଉଛି । ସେହିପରି ଲୋକଙ୍କୁ ମାସ୍କ ଓ ସାନିଟାଇଜର ବାଣ୍ଟିବାକୁ ଆସିଥିଲେ ହେଁ ତାହା ବଣ୍ଟନ ନ ହୋଇ ରୋଷେଇ ଘରେ ପଡିରହିଛି। ଦାୟିତ୍ୱରେ ଥିବା ସୁପରଭାଇଜର କିମ୍ବା କୌଣସି ବିଭାଗୀୟ ଅଧିକାରୀ କେନ୍ଦ୍ରକୁ ପରିଦର୍ଶନରେ ଆସୁ ନ ଥିବା ଅଭିଯୋଗ ହେଉଛି। ଏହି ଅଙ୍ଗନୱାଡି କେନ୍ଦ୍ର ସମେତ ଅନ୍ୟ କେନ୍ଦ୍ରରେ ମଧ ନିମ୍ନମାନର ଛତୁଆ ଦିଆଯାଉଥିବା ଅଭିଯୋଗ ହେଉଛି। କଣ୍ଟାମାଳ ସିଡିପିଓ ଏବଂ ଉପଜିଲାପାଳ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# କରୋନା ଯୋଦ୍ଧା ସମ୍ମାନିତ

ଅତାବିରା,୨୬।୬(ଡି.ଏନ.ଏ)



ଜଣେ ଶିକ୍ଷାବିତ୍‌ଙ୍କୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଉଛି।

ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲିସ୍ଥିତ ରାମଚଣ୍ଡୀ ମନ୍ଦିର ସଭାଗୃହରେ ଶନିବାର ପ୍ରତିଭା ଓ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତାବିରା ଥାନାଧିକାରୀ ଦିଲୀପ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କରୋନା କାଳରେ ଲୋକଙ୍କୁ ସେବା ଯୋଗାଇଥିବାରୁ ୬ଜଣଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଶିକ୍ଷାବିତ୍ କୈଳାସ ମହାରଣା, ପରିବେଶବିତ୍ ଧର୍ମରାଜ ପ୍ରଧାନ, ଦିବାକର ପ୍ରଧାନ, ସମାଜସେବୀ ଦୀପିକା ମେହେର, ପ୍ରଶାନ୍ତ ମେହେର, ଅଜିତ କୁମାର ନାଥ ଏବଂ ଖବରଦାତା ହୃଷିକେଶ ଖମାରୀ । ଜନ କଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୁର୍ଲ୍ଲଭ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଡା. ଅଜିତ କୁମାର ବାରିକ, ଚନ୍ଦ୍ରଭାନୁ ନାଏକ, ରାକେଶ କୁମାର କଳେତ, ସୁରଭି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କୁଆଁରମୁଣ୍ଡା ବ୍ଲକରେ ସଫଳତା ହାର ୯୯.୬୪ %

କୁଆଁରମୁଣ୍ଡା,୨୬।୬(ଡି.ଏନ.ଏ.)

**ମାଟ୍ରିକ ପରୀକ୍ଷା ଫଳ**

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ସଫଳତା ହାର ୯୯.୬୪% ହୋଇଛି ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଶନିବାର ସୂଚନା ଦେଇଛନ୍ତି। ଏହି ବ୍ଲକରେ ଥିବା ମୋଟ ୨୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୬୮୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬୭୮ ଜଣ ପାସ୍ କରିଛନ୍ତି। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବ୍ଲକର କୁମଝରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୬୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତେ ପାସ୍ କରିଥିବା ବେଳେ ଏ-୨ରେ ମୋଟ ୩ ଜଣ ବିଦ୍ୟାର୍ଥୀ ରହଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣ ଛାତ୍ରୀ ଓ ଜଣେ ଛାତ୍ର ରହିଥିବା ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ କହିଛନ୍ତି । ଅନ୍ୟପକ୍ଷରେ ଏସ୍‌ସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ଦଲକି ହାଇସ୍କୁଲର ମୋଟ ୮୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ ଜଣ ଫେଲ ହୋଇଥିବା ବେଳେ ଏଠାରେ ଜଣେ ବିଦ୍ୟାର୍ଥୀ ଏ-୨ରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ସମଗ୍ର ବ୍ଲକ ଅଞ୍ଚଳରେ ସରକାରୀ ସ୍କୁଲଗୁଡିକ ମଧ୍ୟରେ କୁମଝରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶତ ପ୍ରତିଶତ ଫଳାଫଳ କରିବା ସହ ଏ-୨ରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ରହିଛନ୍ତି।

# ଆଶାକର୍ମୀଙ୍କୁ ପଲ୍ସ ଅକ୍ସିମିଟର ବଣ୍ଟନ



ଆଶାକର୍ମୀଙ୍କୁ ପଲ୍ସ ଅକ୍ସିମିଟର ବଣ୍ଟନ କରାଯାଉଛି ।

ସୋନପୁର,୨୬।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପଲ୍ସ ଅକ୍ସିମିଟର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସଙ୍ଗୀତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ୭୭ଜଣ ଆଶାକର୍ମୀଙ୍କୁ ପଲ୍ସ ଅକ୍ସିମିଟର ବଣ୍ଟନ ସହ ତାଙ୍କୁ ଏହାର ବ୍ୟବହାର ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମହାମାରୀ କରୋନା ମୁକାବିଲାରେ ଏହା ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅକ୍ସିମିଟରଗୁଡିକୁ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବିଧାୟକ ପାଣ୍ଠିରୁ କିଣାଯାଇଛି। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିଲେ। ଏନଏଚଏମ ବିପିଏମ୍ ଅଶୋକ ମିଶ୍ର, ସୁଜିତ ସାହୁ ଓ ସ୍ୱାସ୍ଥ୍ୟ ପରିଦର୍ଶକ ଶାନ୍ତନୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅମିତ ପଧାନ ଓ ରତନ ବିଶି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସରକାରୀ ଚାକିରି ସର୍ବୋଚ୍ଚ ବୟସ ସୀମା ୪୨କୁ ବୃଦ୍ଧି ପ୍ରସ୍ତାବ

ବଲାଙ୍ଗୀର ଅଫିସ, ୨୬।୬

**ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲେ ଲୋଇସିଂହା ବିଧାୟକ**

ଓଡ଼ିଶା ସରକାରଙ୍କ ଅଧିନରେ ସରକାରୀ ଚାକିରିରେ ପ୍ରବେଶ କରିବା ସର୍ବୋଚ୍ଚ ବୟସକୁ ୩୨ରୁ ୪୨ ବର୍ଷ ବୟସକୁ ବୃଦ୍ଧି କରାଯାଉ ବୋଲି ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଚିଠି ଜରିଆରେ ମୁଖ୍ୟଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ରଙ୍କୁ ଜଣାଇଛନ୍ତି। ସରକାରୀ ଚାକିରି ପାଇଁ ଆଶାୟୀ ଛାତ୍ରୀଛାତ୍ରଙ୍କ ବୟସ ସୀମାକୁ ୩୨ବର୍ଷ ବୟସରେ ସୀମିତ କରିଦେବା ଦ୍ୱାରା ରାଜ୍ୟର ଶିକ୍ଷିତ ଛାତ୍ରୀଛାତ୍ରମାନେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ସେ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦେଶର ଅନ୍ୟ ରାଜ୍ୟରେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମାର ଏକ ତାଲିକା ମଧ୍ୟ ପ୍ରଦାନ କରିଛନ୍ତି। ଉକ୍ତ ଚିଠିରେ ବିଧାୟକ ମହାଲିଙ୍ଗ ଜଣାଇଛନ୍ତି ଯେ, ପ୍ରାୟ ୧୯୮୯ ମସିହାରୁ ଓଡିଶାରେ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ଧାର୍ଯ୍ୟ କରାଯାଇଛି। ଛାତ୍ରୀଛାତ୍ରମାନେ ବିଭିନ୍ନ ଉଚ୍ଚଶିକ୍ଷା ଶେଷ କରିବା ବେଳକୁ ଏହି ବୟସ ଟପି ଯାଉଛି। ବିଶେଷ କରି ଯେଉଁମାନେ ଏମଫିଲ୍, ପିଏଚ୍‌ଡି କିମ୍ବା ପୋଷ୍ଟ ଡକ୍ଟରେଟ୍ ଭଳି ଉଚ୍ଚତର ଶିକ୍ଷା କରୁଛନ୍ତି ସେମାନଙ୍କୁ ପରେ ସରକାରୀ ଚାକିରି କରିବା ପାଇଁ ଏହି ବୟସ ସୀମା କାରଣରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆମ ଦେଶରେ ବିଭିନ୍ନ ରାଜ୍ୟର ସରକାରୀ ନିଯୁକ୍ତିରେ ଆବେଦନର ସର୍ବୋଚ୍ଚ ବୟସ ସୀମାର ଏକ ତାଲିକା ଦେଇଛନ୍ତି । ଉକ୍ତ ତାଲିକାରେ ଗୋଆ ଓ ହିମାଚଳ ପ୍ରଦେଶରେ ୪୫ବର୍ଷ, ତେଲେଙ୍ଗାନା ଓ ଆସାମରେ ୪୪, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ହରିଆନା ଓ ମେଘାଳୟରେ ୪୨, କେରଳରେ ୪୧, ମଧ୍ୟପ୍ରଦେଶ, ରାଜସ୍ଥାନ, ସିକିମ, ତ୍ରିପୁରା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁରେ ୪୦, ମଣିପୁରରେ ୩୮, ପଞ୍ଜାବ ଓ ବିହାରରେ ୩୭ ବର୍ଷ ବୟସ ସୀମା ରହିଛି। ଉପରୋକ୍ତ ରାଜ୍ୟ ସରକାରମାନେ ବିଭିନ୍ନ ସମୟରେ ଏହି ସର୍ବୋଚ୍ଚ ବୟସ ସୀମାକୁ ପରିବର୍ତ୍ତନ କରିଛନ୍ତି। ଏହି ବିବରଣୀରୁ ଦେଖାଯାଉଛି ଯେ ଦେଶର ଅଧିକାଂଶ ରାଜ୍ୟ ଆବେଦନର ସର୍ବୋଚ୍ଚ ବୟସ ସୀମା ପ୍ରାୟ ୪୦ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ରଖିଛନ୍ତି। ଓଡ଼ିଶା ସରକାର ମଧ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ ପଦବୀ ପାଇଁ ଆବେଦନ କରିବାକୁ ସର୍ବୋଚ୍ଚ ବୟସ ୪୨ ବର୍ଷ ରଖିଛନ୍ତି। ଓପିଏସ୍‌ସି ଦ୍ୱାରା ବିଜ୍ଞାପିତ ନୋଟିଫିକେସନ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ପଦ ପାଇଁ ଆବେଦନ କରିବା ସର୍ବୋଚ୍ଚ ବୟସ ସୀମା ରଖି ନ ଥିଲେ ମଧ ତାହା ପ୍ରାୟତଃ ଅବସର ବୟସ ସୀମା ୬୦ବର୍ଷ ସହ ସମାନ ବୋଲି ଦର୍ଶାଯାଇଛି। ତେଣୁ ଅଧ୍ୟାପକ ପଦବୀ ପାଇଁ ଉପରୋକ୍ତ ନୋଟିଫିକେସନ୍‌ରେ ଛାତ୍ରୀଛାତ୍ରମାନେ ଆବେଦନ କରିବାର ସର୍ବୋଚ୍ଚ ବୟସ ସୀମା ପାଇଁ ଆଶ୍ୱସ୍ତ ହୋଇଥିଲେ ମଧ ପରବର୍ତ୍ତୀ ନୋଟିଫିକେସନ୍‌ରେ ସରକାରଙ୍କ ଏହି ନୀତିର କାର୍ଯ୍ୟକାରିତା ଉପରେ ଛାତ୍ରୀଛାତ୍ର ଭରସା ରଖିପାରୁ ନାହାନ୍ତି। ପୁନଶ୍ଚ ଅଧ୍ୟାପକ ପଦବୀ ବ୍ୟତୀତ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ପଦବୀ ପାଇଁ ୧୯୮୯ ମସିହାରୁ ଆବେଦନ କରିବା ସର୍ବୋଚ୍ଚ ବୟସ ସୀମାକୁ ୩୨ ବର୍ଷରୁ ଆଉ ପରିବର୍ତ୍ତନ କରାଯାଇନାହିଁ। ୧୯୮୯ ମସିହା ପରେ ସରକାରଙ୍କ ନୀତିଗତ ନିଷ୍ପତ୍ତି ଯୋଗୁଁ ସରକାରୀ ଚାକିରି ପଦବୀର ମଞ୍ଜୁରୀପ୍ରାପ୍ତ ଖାଲିସ୍ଥାନ ପୂରଣ କରିପାରୁନାହାନ୍ତି। ଫଳରେ ବହୁ ମେଧାବୀ ଛାତ୍ରୀଛାତ୍ର ଯୋଗ୍ୟତା ଥାଇ ମଧ ବୟସ ସୀମା କାରଣରୁ ଅଯୋଗ୍ୟ ହୋଇଯାଉଛନ୍ତି। ଓଡ଼ିଶା ସରକାର ଏଦିଗରେ ଗୁରୁତର ସହ ବିଚାର କରି ତୁରନ୍ତ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୩୨ରୁ ବୃଦ୍ଧି କରି ୪୨ ବର୍ଷ କରନ୍ତୁ ବୋଲି ମହାଲିଙ୍ଗ ସରକାରଙ୍କୁ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି।

## ରାଜଗାଙ୍ଗପୁରରେ ଆୟେସା ଟପ୍ପର୍

ରାଜଗାଙ୍ଗପୁର,(ଡି.ଏନ.ଏ.): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରାଜଗାଙ୍ଗପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆୟେସା ରଜାକ୍ ସର୍ବାଧିକ ୫୨୯ (୮୮.୧୬ ପ୍ରତିଶତ) ନମ୍ବର ରଖି ରାଜଗାଙ୍ଗପୁର ଅଞ୍ଚଳର ଟପ୍ପର ହୋଇଛନ୍ତି । ଦ୍ୱିତୀୟ ସ୍ଥାନରେ ରହି ସ୍ୱାତୀ ମେରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦେବସ୍ମିତା ଭଞ୍ଜ ୫୧୪ ନମ୍ବର ଓ ତୃତୀୟ ସ୍ଥାନରେ କାଂଶବାହାଲର ଡିଏଭି ପବ୍ଲିକ ସ୍କୁଲର ଛାତ୍ର ଓମ୍ ପ୍ରକାଶ ମଲ୍ଲିକ ୪୮୧ ନମ୍ବର ରଖିଛନ୍ତି । ଏହି କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

### ସଂକ୍ଷେପରେ

## ହତ୍ୟା ଉଦ୍ୟମ ଘଟଣା: ୩ ଗିରଫ

ଦେବଗଡ,୨୬।୬(ଡି.ଏନ.ଏ): ଜଣେ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କର ପୁଅମାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ ଅଭିଯୋଗରେ ଦେବଗଡ ଆଦର୍ଶ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର ତ୍ରିପୁରା ବେହେରା, ପବିତ୍ର ବେହେରା ଓ ଯୀଶୁରାମ ବେହେରା । ସୂଚନା ଅନୁସାରେ, ଦେବଗଡ ଥାନା ଅଧୀନ ବଳମ (କୁମ୍ଭାରସାହି)ର ପରମାନନ୍ଦ ବେହେରାଙ୍କ ସ୍ତ୍ରୀ ଚଞ୍ଚଳା ନିକଟସ୍ଥ ନଳକୂପକୁ ପାଣି ଆଣିବା ପାଇଁ ଯାଇଥିବା ବେଳେ ଉକ୍ତ ଗ୍ରାମର ତ୍ରିପୁରା, ପବିତ୍ର ଓ ଯୀଶୁରାମ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସେମାନେ ଚଞ୍ଚଳାଙ୍କ ସାନପୁଅ ପ୍ରଶାନ୍ତ ଓ ବଡପୁଅ ପ୍ରଭାତଙ୍କୁ ପଥର ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏ ନେଇ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୮୧/୨୧) ରୁଜୁ କରି ଘଟଣାର ତଦନ୍ତ କରି ଉକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ଦେବଗଡ,୨୬।୬,(ଡି.ଏନ.ଏ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସ ଅବସରରେ ଶନିବାର ଦେବଗଡ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁଧୀର କୁମାର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବହୁ ଭାଜପା କର୍ମୀ ଓ ଅନ୍ୟମାନେ ରକ୍ତଦାନ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀଙ୍କୁ ବିସ୍କୁଟ ଓ ହର୍ଲିକ୍ସ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଦୟା ଶଙ୍କର ଦ୍ୱିବେଦୀ, ଶିବା ମୁଖି, ସୁପ୍ରୀମ ସାହୁ, ପ୍ରମୋଦ ବେହେରା, ଜଗନ୍ନାଥ ପ୍ରଧାନ, ସୁଧୀର ମହାକୁଲ, ତ୍ରିନାଥ ଦାସ, ପ୍ରିତମ ବେହେରା, ଭଦ୍ରା ମୁଖି, ବିକି ଦେବ ଓ ହୃଷିକେଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## କଳାକାରଙ୍କ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ

ଦେବଗଡ, ୨୬।୬(ଡି.ଏନ.ଏ): ଅଭିନେତା ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତିରେ ବେଙ୍ଗାଲୁରୁ ଜୁହାର ପରିବାର ପକ୍ଷରୁ ଦେବଗଡ ଜିଲାରେ ଅଟଳ ସହାୟତା ଯୋଜନା ଆରମ୍ଭ ହୋଇଛି। ଏଠାକାର ସାଂସ୍କୃତିକ ଅନୁଷ୍ଠାନ 'ମ୍ୟୁଜିକା ସଙ୍ଗମ ଏଣ୍ଡ ସଙ୍ଗମ' ସହାୟତାରେ ଚାଲିଥିବା ଏହି ଯୋଜନା ଅନୁଯାୟୀ ଦେବଗଡ ଜିଲାର ୩୦ଜଣ କଳାକାରଙ୍କ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଜୁହାର ପରିବାରର ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ହରିଜନ ଆଦିବାସୀ ଡେଭଲପମେଣ୍ଟ ଟ୍ରଷ୍ଟ ସାମିଲ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠାନର ସଭାପତି ଉମାଶଙ୍କର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଜୁହାର ପରିବାର ଦେବଗଡ ଜିଲା ଶାଖା ସଂଯୋଜକ ବିକାଶ କୁମାର ପ୍ରଧାନ ଓ ହରିଜନ ଆଦିବାସୀ ଡେଭଲପମେଣ୍ଟ ଟ୍ରଷ୍ଟର ସଭାପତି ଡ. ଉଇଲିୟମ ହେନେଜ ମଞ୍ଚାସୀନ ରହି ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହ କଳାକାରଙ୍କ ପରିବାରକୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଥିଲେ। ଜନ୍ମେଜୟ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

ଲହୁଣୀପଡା,୨୬।୬ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର କୁଚେଇତା ଛକ ନିକଟରେ ଏକ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାଜକୁମାର ରୋହିଦାସ (୪୫)। ପ୍ରକାଶ ଯେ, ଲହୁଣୀପଡା ଥାନା ଅନ୍ତର୍ଗତ କୁଲିପୋଷ ଗ୍ରାମର ରାଜକୁମାରଙ୍କ ସ୍ତ୍ରୀଙ୍କ ଦେହ ଖରାପ ଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାଜକୁମାର ଶନିବାର ସ୍ତ୍ରୀଙ୍କ ପାଖକୁ ଯାଇ ସେଠାରୁ ନିଜ ବାଇକ (ଓଡି ୧୪ କ୍ୟୁ- ୬୦୮୩)ଯୋଗେ କୁଲିପୋଷ ଫେରୁଥିବା ବେଳେ କୁଚେଇତା ଛକ ନିକଟରେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ବାଇକଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି ।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

କୋକସରା, ୨୬।୬ (ଡି.ଏନ.ଏ.)



ଜୟପାଟଣା ରାସ୍ତାର ଗୁନଗୁନିଆ ପେଟ୍ରୋଲ ପମ୍ପ ଛକ ନିକଟରେ ଧାନବସ୍ତା ରଖି ରାସ୍ତା ଚାଷୀ ଅବରୋଧ କରିଛନ୍ତି ।

କଳାହାଣ୍ଡି ଜିଲା ମୋଟେର ଜୟପାଟଣା ରାସ୍ତାର ଗୁନଗୁନିଆ ପେଟ୍ରୋଲ ପମ୍ପ ଛକ ନିକଟରେ ଶନିବାର ବିଭିନ୍ନ ସମସ୍ୟା ନେଇ ଚାଷୀମାନେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଖବର ପାଇ ଜୟପାଟଣା ତହସିଲଦାର ସୁଭଦ୍ରା ମୁଣ୍ଡିକାଙ୍କ ସହ ଜୟପାଟଣା ଥାନା ଅଧିକାରିଣୀ ରଶ୍ମିତା ପ୍ରଧାନ ଓ ଯୋଗାଣ ବିଭାଗ ଏଆରସିସି ଭିକାରୀ ସେଠ ଘଟଣାସ୍ଥଳରେ ପହଞ୍ଚି ଚାଷୀ ଓ ନେତାଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି ଆସନ୍ତା ୩୦ ତାରିଖ ମଧ୍ୟରେ ଟୋକନ ରିଜେନେରେଟ କରି ଧାନ କ୍ରୟ ପାଇଁ ପଠାଯାଇଛି। ତାଲିକା ଆସିବା ପରେ ଧାନ କ୍ରୟ କରାଯିବ ବୋଲି କହିବା ପରେ ମଧ୍ୟ ଆନ୍ଦୋଳନରତ ଚାଷୀ ଜିଲାପାଳ ଆସି ନିର୍ଭର ପ୍ରତିଶ୍ରୁତି ଦେବାକୁ ଅଡ଼ି ବସିଥିଲେ। ପରେ କଳାହାଣ୍ଡି ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ଓ ଚିଫ ଏଏସଆଇ ଆସି ଆନ୍ଦୋଳନରତ କଂଗ୍ରେସ ନେତା ଓ ଚାଷୀଙ୍କୁ ଲାପ୍ସ ଟୋକନକୁ ରିଜେନେରେଟ କରି ଧାନ କ୍ରୟ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ୮ ଘଣ୍ଟା ଧରି ଜାରି ରହିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଯଦି ପ୍ରଶାସନ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ କ୍ରୟ ନ କଲେ ପୁଣି ଥରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କଂଗ୍ରେସ ନେତା ଓ ଚାଷୀମାନେ ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ ୧୦ଟି ମଣ୍ଡିରେ ୧୦୫୫ଜଣ ଚାଷୀଙ୍କ ଟୋକାନ ଲାପ୍ସ ହେବା ପରେ ପୁନଃ ରିଜେନେରେଟ ହୋଇନାହିଁ । ଅନେକ ଚାଷୀଙ୍କ ଟୋକନ ଆଜି ପର୍ଯ୍ୟନ୍ତ ଆସିନାହିଁ। ଫଳରେ ପାଖାପାଖି ୪୩ ହଜାର କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡିରେ ପଡି ରହିଛି। ବାରମ୍ବାର ଚାଷୀ ବିଭାଗୀୟ ଅଧିକାରୀଙ୍କ ସମେତ ଧର୍ମଗଡ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ଚାଷୀ ଉତ୍ତ୍ୟକ୍ତ ହୋଇ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି। କଂଗ୍ରେସ ପିସିସି ସଦସ୍ୟ ଦିଗାମ୍ବର ଦୁରିଆ, ଯୁବ କଂଗ୍ରେସ ଉପସଭାପତି ଲିଙ୍ଗରାଜ ବେହେରା, ସାଧାରଣ ସମ୍ପାଦକ ବେଣୁପାଣି ଦୁର୍ଗା, ଡାକେଶ୍ୱର ଲହଜଲ, ବିଘ୍ନରାଜ ପଣ୍ଡାଙ୍କ ନେତୃତ୍ୱରେ ଗୁନଗୁନିଆଠାରେ ରାସ୍ତା ଅବରୋଧ କରିଥିଲେ। ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ଜୟପାଟଣା, କଲମପୁର ଓ କୋକସରା ବ୍ଲକର ବିମଳା, ବାନେର, ଗୁନଗୁନିଆ, ରଣମାଲ, ବିଜମରା, ଦୁଲୁକିବନ୍ଧ, ବାଣ୍ଡିଗାଁ, ବଡ଼ଟେମରି, ମୋଟେର ଓ କାଶିବାହାଲ ମଣ୍ଡିର ଶତାଧିକ ଚାଷୀ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ।

# ଗୋଲାମୁଣ୍ଡାରେ ହେବ ମହୁ ଉତ୍ପାଦନ କେନ୍ଦ୍ର

ଗୋଲାମୁଣ୍ଡା, ୨୬।୬ (ଡି.ଏନ.ଏ.)

**ଏସ୍‌ଏଚ୍‌ଜିଙ୍କୁ ମହୁମାଛି ବାକ୍ସ, ଚାଷ ଉପକରଣ ସମଗ୍ରୀ ବଣ୍ଟନ କଲେ ମନ୍ତ୍ରୀ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ପରିସରରେ ଶନିବାର ଏସ୍‌ଏଚ୍‌ଜି ମହିଳାଙ୍କୁ ମହୁମାଛି ବାକ୍ସ, ଚାଷ ଉପକରଣ ସମଗ୍ରୀ ବଣ୍ଟନ କରାଯାଇଛି। ବ୍ଲକର ନକଟିକାନି ଗ୍ରାମପଞ୍ଚାୟତର ୧୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ୧୦୦ଟି ମହୁମାଛି ବକ୍ସ ସହିତ ମହୁମାଛି ଚାଷ ଉପକରଣ ଓ ମହୁ ନିଷ୍କାସନ ଯନ୍ତ୍ର ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶକ୍ତି, ଶିଳ୍ପ, ଏମଏସଏମଇ ଓ ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଥିପାଇଁ କେଭିଆଇସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ବ୍ଲକ ପକ୍ଷରୁ ସହଯୋଗ କରିବାକୁ ଗୋଲାମୁଣ୍ଡା ବିଡିଓଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରରେ ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ, ଓକେଭିଆଇବି ସଚିବ ଏ.ଏ. ଖାନ, ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, କେଭିଆଇସି ସହ ନିର୍ଦ୍ଦେଶକ ବି.ଏନ. ପଣ୍ଡା, ବିପିଏମ ସୁଧାଂଶୁ ବିଶ୍ୱାଳ, ଡିଓଓ କେଭିଆଇବି ବେଣୁଧର ପ୍ରଧାନ, କେଭିଆଇସି କାର୍ଯ୍ୟକାରୀ ଗୌତମ ଶର୍ମା, କେଭିଆଇସି ସହଯୋଗୀ ପ୍ରଶାନ୍ତ କୁମାର ସାହୁ, କର୍ତ୍ତାବ୍ୟ ସିଇଓ ଅଶୋକ ପଟ୍ଟନାୟକ, ନକଟିକାନି ସରପଞ୍ଚ ଜତିନ୍ଦ୍ର ସେନାପତି, କଭିଆଇସି ମହୁମାଛି ଚାଷ ପ୍ରଶିକ୍ଷକ ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମୟରେ ମହିଳାଙ୍କୁ ମହୁମାଛି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।




ମନ୍ତ୍ରୀ ଜଣେ ଏସ୍‌ଏଚ୍‌ଜି ମହିଳାଙ୍କୁ ମହୁମାଛି ବାକ୍ସ ପ୍ରଦାନ କରୁଛନ୍ତି।

ମହିଳାମାନଙ୍କୁ ଏହା ବଣ୍ଟନ କରିଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତରେ ବହୁଳ ପରିମାଣରେ ମହୁ ଉତ୍ପାଦନ କରାଯିବ ଓ ଗୋଲାମୁଣ୍ଡା ବ୍ଲକ ମହୁ ଉତ୍ପାଦନ କେନ୍ଦ୍ର ହେବ ବୋଲି ମନ୍ତ୍ରୀ କହିଥିଲେ। ବର୍ତ୍ତମାନ କରୋନା କାଳରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମହୁଚାଷ କରି ବେଶ ଲାଭବାନ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ମହୁଚାଷ ସମଗ୍ର ଗୋଲାମୁଣ୍ଡା ବ୍ଲକରେ କିପରି ବହୁଳ ପରିମାଣରେ ହେବ

# ଶିଶୁକୁ ଜନ୍ମ ଦେଲେ କୋଭିଡ୍ ଆକ୍ରାନ୍ତ ମହିଳା

ନୂଆପଡ଼ା ଅଫିସ/ଖଡିଆଳ, ୨୬।୬ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଦାବ୍ରି ପଞ୍ଚାୟତର ରାମପୁର ଗୁମା ଗାଁରେ ଜଣେ ଗର୍ଭବତୀ ମହିଳା କୋଭିଡ୍ ପଜିଟିଭ ହୋଇ ଆଇସୋଲେସନରେ ଚିକିତ୍ସିତ ହେଉଥିଲେ। ଶନିବାର ପ୍ରସବ ଯନ୍ତ୍ରଣା ହେବା ପରେ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରୁ ଡାକ୍ତରୀ ଦଳ ଯାଇ କୋଭିଡ୍ ନିୟମରେ ଚିକିତ୍ସା କରି ପ୍ରସବ କରାଇଥିଲେ। ବର୍ତ୍ତମାନ ମା' ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡିଛି। ଆଦିବାସୀ ଅଧ୍ୟୁଷିତ ରାମପୁର ଗୁମା ଗାଁର ଅନୁସୟା କାଣ୍ଡ (୨୭)ଙ୍କ ଏହା ଦ୍ୱିତୀୟ ସନ୍ତାନ। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଆଦିତ୍ୟ ଯୋଶୀଙ୍କ ତତ୍ତ୍ୱାବଧାନରେ ସେ ଚିକିତ୍ସିତ ହେଉଥିଲେ। କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଏପରି ସେବା ଯୋଗାଣ କାର୍ଯ୍ୟକୁ ପ୍ରଶଂସା କରାଯାଉଛି। ରାମପୁର ଗୁମା ଗାଁ ଏକ ଜଙ୍ଗଲ ବହୁଳ ଗ୍ରାମ। ଆଦିବାସୀ ବହୁଳ ଗ୍ରାମବାସୀ ଚିକିତ୍ସା ପାଇଁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି।

## ଚୋରି ବାଇକ୍ ଉଦ୍ଧାର: ଜଣେ ଗିରଫ

ସୁନ୍ଦରଗଡ, ୨୬।୬(ଡି.ଏନ୍.ଏ.)

ହେମଗିର ଥାନା ପୋଲିସ ଶନିବାର ଏକ ଚୋରି ବାଇକ୍ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ମୁଣ୍ଡେରଖେତ ଗ୍ରାମର ହୃଦାନନ୍ଦ ଜାମୁଡାଳିଆ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୮ ତାରିଖ ରାତିରେ ଗର୍ଜନଯୋର ଗ୍ରାମର ରାଧେଶ୍ୟାମ ଗର୍ଡିଆଙ୍କ ଘରୁ ତାଙ୍କ ଓଆର୧୬ସି – ୬୬୮୪ ନମ୍ବର ବିଶିଷ୍ଟ ବାଇକ୍‌ଟି ଚୋରି ହୋଇ ଯାଇଥିଲା। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ୧୪୨ରେ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ହୃଦାନନ୍ଦଙ୍କ ଠାରୁ ଏହି ଚୋରି ବାଇକ୍ ଉଦ୍ଧାର କରି ତାଙ୍କୁ ଗିରଫ କରିଥିଲା।

## ଦେଶୀ ମଦ ଜବତ, ଜଣେ ଗିରଫ

ଦେବଗଡ,୨୬।୬(ଡି.ଏନ.ଏ)

ଦେବଗଡ଼ ଥାନା ଅଧୀନ କାଲକାଠ ଗ୍ରାମର ଏକ ନାଳ କଡରେ ମହୁଲି ମଦ ପ୍ରସ୍ତୁତ କରୁଥିବା ବେଳେ ଅବକାରୀ ବିଭାଗ ଶନିବାର ଚଢାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାଲକାଠ ଗ୍ରାମର ପ୍ରମୋଦ କିସାନ(୪୫)। ତାଙ୍କଠାରୁ ୧୫ ଲିଟର ମହୁଲି ମଦ, ୧୮୦ କିଲୋ ମହୁଲ ପୋଚ ଓ ମଦ ପ୍ରସ୍ତୁତ ସରଞ୍ଜାମ ଜବତ ହୋଇଛି।

# ପ୍ରଶାନ୍ତ, ବାସୁଦେବଙ୍କର ଲାଗିବ କୃତ୍ରିମ ହାତଗୋଡ଼

ବିନିକା,୨୬।୬(ଡି.ଏନ୍.ଏ)



ଥଇଥାନ କେନ୍ଦ୍ରରେ କୃତ୍ରିମ ହାତଗୋଡ ଲାଗିବା ପାଇଁ କାଗଜପତ୍ର ପ୍ରସ୍ତୁତି ଚାଲିଛି ।

ସୁବର୍ଣ୍ଣପୁର ଜିଲାର ପ୍ରଶାନ୍ତ ଓ ବାସୁଦେବଙ୍କ ଶରୀରରେ ଲାଗିବ କୃତ୍ରିମ ହାତଗୋଡ । ଏଥିପାଇଁ ସମ୍ବଲପୁର ବାଲିବନ୍ଧ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ଉଭୟଙ୍କ କୃତ୍ରିମ ବାମ ହାତଗୋଡ ଲଗାଇବା ନେଇ ମାପଚୁପ୍ ହେବା ସହ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ହୋଇଛି। ରାମପୁର ଥାନା ମାୟାବର୍ହାର ନାରାୟଣ ତାଣ୍ଡିଙ୍କ ପୁଅ ପ୍ରଶାନ୍ତ (୧୫) ଏକ ଆମ୍ବଗଛରୁ ପଡି ଯାଇଥିଲେ। ଚିକିତ୍ସା ଅଭାବରୁ ତାଙ୍କର ବାମ ହାତ ନଷ୍ଟ ହୋଇ ଯାଇଥିଲା। ଧରିତ୍ରୀରେ 'ଚିକିତ୍ସାରେ ଅର୍ଥ ସାଜିଛି ବାଧକ ଶୀର୍ଷକ ଖବର ପ୍ରକାଶ ପାଇଥିଲା । ସେହିପରି ରୋଗାକ୍ରାନ୍ତ ହେବା ପରେ ବିନିକା ବ୍ଲକ ଦେଣ୍ଡୁପଦରର ବାସୁଦେବ ଗଡୁଆ(୩୪)ଙ୍କ ବାମ ଗୋଡ କଟା ଯାଇଥିଲା । କୃତ୍ରିମ ଗୋଡ ଲଗାଇବା ପାଇଁ ସମ୍ବଳ ନ ଥିବାରୁ ସେ ଭାଗ୍ୟକୁ ଆଦରି ପଡି ରହିଥିଲେ। ଏ ସମ୍ପର୍କରେ ମଧ୍ୟ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସାମାଜିକ କର୍ମୀ ନିହାଲ ସିଂ ସୂଚନା ପାଇ ପ୍ରଶାନ୍ତ ଓ ବାସୁଦେବଙ୍କ ଘରକୁ ଆସି ଆର୍ଥିକ ସହାୟତା କରିବା ସହ ସେମାନଙ୍କ କୃତ୍ରିମ ହାତଗୋଡ ଲାଗିବା ନେଇ ଆଶ୍ୱାସନା ଦେଇଥିଲେ।

**ଧରିତ୍ରୀ ପ୍ରଭାବ**

ପରେ ଜିଲା ସାମାଜିକ ଅଧିକାରୀ ତାହିର ହୁସେନ ଓ ସମ୍ବଲପୁର ସାମାଜିକ ଥଇଥାନ ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ଜିଲାପାଳ ମୋନୀଷା ବାନାର୍ଜୀ ଓ ସମ୍ବଲପୁର ଜିଲାପାଳଙ୍କ ସହଯୋଗ କ୍ରମେ ନିକଟରେ ବାଲିବନ୍ଧ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ପ୍ରଶାନ୍ତ ଓ ବାସୁଦେବଙ୍କ କୃତ୍ରିମ ବାମ ହାତଗୋଡ ଲଗାଇବା ନେଇ ମାପଚୁପ ହୋଇଯାଇଛି। ବାଲିବନ୍ଧ ସମ୍ବଲପୁରର ଆରସିଡିଆର୍ ସଚ୍ଚିଦାନନ୍ଦ ଖୁଣ୍ଟିଆ ଏ ନେଇ କାଗଜପତ୍ର ପ୍ରସ୍ତୁତି ସହିତ ଉଭୟଙ୍କ ହାତଗୋଡର ମାପ ନେଇଛନ୍ତି ।

# ଆନ୍ଦୋଳନକୁ ସଫଳ ପାଇଁ ଆଲୋଚନା



ସିନାପାଲି ରେଞ୍ଜ କାର୍ଯ୍ୟାଳୟ କେନ୍ଦୁପତ୍ର ଗୋଦାମ ଗୃହ ପରିସରରେ ବୈଠକ ଚାଲିଛି।

ନୂଆପଡ଼ା ଅଫିସ,୨୬।୬

**କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରସ୍ତୁତି ବୈଠକ**

ଆଗାମୀ ୩୦ ତାରିଖରେ ଖଡିଆଳ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ସିନାପାଲି ରେଞ୍ଜ କାର୍ଯ୍ୟାଳୟ କେନ୍ଦୁପତ୍ର ଗୋଦାମ ଗୃହ ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ରେଞ୍ଜ ସମ୍ପାଦକ ମଙ୍ଗଳ ସାଇ ବରର୍ତ୍ତି ସଭାପତିତ୍ୱ କରିଥିଲେ। କୋଭିଡ୍–୧୯ ନିୟମ ପାଳନ କରି ସାମାଜିକ ଦୂରତା ରକ୍ଷା କରି ସମସ୍ତେ ମାସ୍କ ପିନ୍ଧି ବୈଠକରେ ସାମିଲ ହୋଇଥିଲେ। ସିନାପାଲି ରେଞ୍ଜରେ ୫୩ଟି ଗ୍ରାମର ୧୦, ୮୩୨ଜଣ କେନ୍ଦୁପତ୍ର ତୋଳାଳି ଦୀର୍ଘ ଦିନରୁ ତାଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ହେବା, ସିଜିନାଲ ଷ୍ଟାଫ ତାଙ୍କ ବକେୟା ଦରମା, ୨୦୧୯ର ବର୍ଦ୍ଧିତ ବକେୟା ଦରମା, ଇପିଏଫ ଲାଗୁ ହୋଇଥିଲେ ମଧ୍ୟ ଚାଲୁ ନ କରିବା ଇତ୍ୟାଦି ପ୍ରମୁଖ ଦାବି ପାଇଁ ନିଆଯାଇଥିବା ଆନ୍ଦୋଳନ ନିଷ୍ପତ୍ତିକୁ ସ୍ୱାଗତ କରିବା ସହିତ ସରକାର ପରିଚାଳିତ ସଂସ୍ଥାରେ ଶ୍ରମିକମାରଣା ଓ ଶୋଷଣ ନୀତିକୁ ନିନ୍ଦା କରାଯାଇଥିଲା। କୋଭିଡ୍ ମାହାମାରୀର କଟକଣା ହେତୁ ଘୋର ଅଭାବ ଓ ଅନଟନ ସମୟରେ ଉଚ୍ଚ ପଦାଧିକାରୀମାନଙ୍କ ଗରିବ ଶ୍ରମିକମାନଙ୍କ ପ୍ରତି ସମ୍ବେଦନହୀନ ବ୍ୟବହାର ଅସହ୍ୟ ଓ ଦୁଃଖଦ ଅଟେ ବୋଲି ପାଣିଗ୍ରାହୀ ମତ ପ୍ରକାଶ କରିଛନ୍ତି।

## କୁତ୍ରା ଉଚ୍ଚ ବିଦ୍ୟାଳୟ: ଏ୨ ଗ୍ରେଡ୍‌ରେ ୪ ଜଣ ଉତ୍ତୀର୍ଣ୍ଣ

କୁତ୍ରା,୨୬।୬(ଡି.ଏନ.ଏ.)

ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟର ୧୪୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪୬ଜଣ ବିଭିନ୍ନ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରୁ ଏ୨ ଗ୍ରେଡରେ ୪ଜଣ, ବି୧ ଗ୍ରେଡରେ ୮ଜଣ, ବି୨ ଗ୍ରେଡରେ ୧୨ଜଣ, ସି ଗ୍ରେଡରେ ୪୩ ଜଣ, ଡି ଗ୍ରେଡରେ ୭୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ବୌଦ୍ଧ,୨୬।୬(ସ୍ୱ.ପ୍ର.

ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବୈଠକ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ମନ୍ଦିର ପରିସରରେ ଅନେକ ଦେବାଦେବୀଙ୍କ ମନ୍ଦିର ନିର୍ମାଣ ଓ ମୂର୍ତ୍ତି ସ୍ଥାପନ କରାଯାଇଥିବାରୁ ପୂଜାବିଧି ସମ୍ପର୍କରେ ଆଲୋଚନା ହୋଇଥିଲା। କୋଭିଡ କଟକଣା ଯୋଗୁ ରଥଯାତ୍ରା ବନ୍ଦ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିବାରୁ ମନ୍ଦିର ମଧ୍ୟରେ ସମସ୍ତ ଦେବନୀତି ସମ୍ପନ୍ନ କରିବାକୁ ଉପଜିଲାପାଳ ବ୍ରାହ୍ମଣ ସମାଜ ଓ ମନ୍ଦିର କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବ୍ରାହ୍ମଣ ସମାଜ ସଭାପତି ଗୁରୁ ପ୍ରସାଦ ଦାଶ, ସଂପାଦକ ଦେବାଶିଷ ପୁରୋହିତ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିଶ୍ୱଜିତ ମିଶ୍ର, ଶଙ୍କର ପ୍ରସାଦ ପୁରୋହିତ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ଜାତୀୟ ଆଲୋଚନାଚକ୍ର

ଭବାନୀପାଟଣା, ୨୬।୬ (ଡି.ଏନ.ଏ.)

କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ କରୋନା ମହାମାରୀରେ ଅସୁରକ୍ଷିତ ଦାଦନ ଶ୍ରମିକଙ୍କ ଜଗତୀକରଣ ଭାରତ ପ୍ରସଙ୍ଗରେ ଭର୍ଚୁଆଲ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ବିକାଶ ଗବେଷଣା ସାମାଜିକ ବିଜ୍ଞାନ ବିଭାଗ ପ୍ରଫେସର ଦୀପକ ମିଶ୍ର ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ ଶତପଥୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଆଲୋଚନାଚକ୍ରର ଆବାହକ ତଥା ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ଡ. ଶେଷଦେବ ସୁନା ଅତିଥି ପରିଚୟ ଦେଇଥିଲେ। ରେଜିଷ୍ଟ୍ରାର ପଦ୍ମଲୋଚନ ଭୁଏ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଭାରତ ବର୍ଷରୁ ୨୦୦ରୁ ଅଧିକ ଛାତ୍ରୀଛାତ୍ର, ଅଧାପକ, ଅଧାପିକା, ଗବେଷକ ସାମିଲ ହୋଇଥିଲେ। ଆଲୋଚନାଚକ୍ରରେ ପ୍ରଫେସର ମିଶ୍ର ଦେଶ ବିଦେଶରେ ଅସୁରକ୍ଷିତ ଶ୍ରମିକମାନଙ୍କ ପ୍ରାଧାନ୍ୟକୁ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ତଥା ସଂଯୋଜକ ଆସିଷ୍ଟାଣ୍ଟ ପ୍ରଫେସର ହଳଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହଆବାହକ ସୁବ୍ରତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ପ୍ରଶାସନ ପକ୍ଷରୁ କଳାକାରଙ୍କୁ ପ୍ରୋତ୍ସାହନ

ସୁନ୍ଦରଗଡ, ୨୬।୬(ଡି.ଏନ୍.ଏ.)

**ଜିଲାର ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବାର୍ତ୍ତା ଦେଲେ କଳାକାର**

କରୋନା ମହାମାରୀ ଯୋଗୁ ଅନେକ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି । ସେଥିରୁ ବାଦ ପଡି ନାହାନ୍ତି ସୁନ୍ଦରଗଡ ଜିଲାର ଅନେକ ଲୋକ କଳାକାର। ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କୋଭିଡ କଟକଣା ଜାରି ହେବା ଯୋଗୁ ଏହି କଳାକାର ମାନଙ୍କ ଆର୍ଥିକ ପରିସ୍ଥିତି ଦୁର୍ବିସହ ହୋଇ ପଡିଥିଲା। ଏପରି କି ଅନେକ ନିଜ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇ ପଡିଥିଲା । ଏଭଳି ସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି ଲାଗି ଜିଲାପାଳ ନିଖିଲ କଲ୍ୟାଣ ପଦକ୍ଷେପ ନେଇଥିଲେ। ଜିଲାରେ ଚାଲିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସହଭାଗିତା ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କଳାକାରମାନେ କୋଭିଡ ମାର୍ଗଦର୍ଶିକା ଅନୁଯାୟୀ ସାମାଜିକ ଦୂରତା ରକ୍ଷା କରି ଗ୍ରାମାଞ୍ଚଳରେ ବୁଲି ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ବହୁ କଳାକାର ଓ ସାଂସ୍କୃତିକ ଦଳ ସାମିଲ ହୋଇଥିଲେ । ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କଳାକାରମାନଙ୍କୁ ରୋଜଗାର ଯୋଗାଇ ଦିଆଯାଇଥିଲା। ଏଥିସହ ଜିଲାର ଅପହଞ୍ଚ ଇଲାକାରେ ଥିବା ଜନସାଧାରଣ କିଭଳି ଜିଲାରେ ଚାଲିଥିବା ବିଭିନ୍ନ ଯୋଜନାର ସୁବିଧା ପାଇପାରିବେ ସେ ନେଇ ଏହି କାର୍ଯ୍ୟକ୍ରମ ଜରିଆରେ ସଚେତନ କରାଯିବା ସହ କରୋନା ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅନିଲ କେରକେଟାଙ୍କ ତତ୍ତ୍ୱାବଧାନରେ ଜିଲା ବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ କଳାକାରମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା ।



ଲୋକ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୭ ଜୁନ୍, ୨୦୨୧

## ସଡ଼କ ଦୁର୍ଘଟଣା, ଜଣେ ମୃତ

ଅତାବିରା/ସରଣ୍ଡା,(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ଲାଦେରପାଲି ଛକ ନିକଟରେ ଶନିବାର ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାରସୁଗୁଡ଼ା ଜିଲା ବାଲିଯୋରୀର ସୂର୍ଯ୍ୟପ୍ରକାଶ ମେହେର(୪୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ବରଗଡ଼ ଡାକ୍ତରଖାନା ପଠାଇଛି । ପ୍ରକାଶ ଯେ, ସୂର୍ଯ୍ୟପ୍ରକାଶ କୌଣସି କାମରେ ସକାଳୁ ଏକ ବୁଲେଟ୍ (ନଂ.ଓଡ଼ି୨୩ଏଫ/୫୫୩୭) ଯୋଗେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ଆସୁଥିଲେ। ବାଟରେ ଲାଦେରପାଲି ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପୋଲିସ କହିଛି।



## ସଂକ୍ଷେପରେ

### ବାଲି ଚୋରାଚାଲାଣ, ୧ ଲକ୍ଷ ଜରିମାନା

**ସୋନପୁର,୨୬।୬(ନି.ପ୍ର.):** ସୋନପୁର ସହରର ତେଲନଦୀ ବ୍ରିଜ୍ ପାର୍ଶ୍ୱରୁ ବେଧଡକଭାବେ କିଛି ମାସ ଧରି ବେଆଇନ ବାଲି ଉତ୍ତୋଳନ ହେଉଥିଲା। ଗଣମାଧମରେ ଖବର ପ୍ରକାଶ ପରେ ଶନିବାର ପୂର୍ବାହ୍ନରେ ସୋନପୁର ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବାଲି ଚୋରା ଚାଲାଣ କରୁଥିବା ୨ଟି ହାଇୱା ଓ ୨ଟି ଟ୍ରାକ୍ଟରରୁ ମୋଟ ୧ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ନବୀନ କିଶୋର ପାଢ଼ୀ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେର ଓ ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପାଣ୍ଡିଆ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଏହି ବାଲି ଉତ୍ସକୁ ତହସିଲ ପକ୍ଷରୁ ସରକାରୀ ଭାବେ ନିଲାମ କରାଯାଇନି। କିନ୍ତୁ ନଦୀଗର୍ଭରୁ ଦୈନିକ ଶତାଧିକ ଟ୍ରିପ୍ ବାଲି ଉତ୍ତୋଳନ ହେଉଛି। ମଝିରେ ଜରିମାନା ଆଦାୟ ହେଉଥିଲେ ହେଁ ଚୋରାଚାଲାଣ ଉପରେ ରୋକ ଲାଗୁନି। ଏହାଦ୍ୱାରା ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେଉଛି ।

### ବାରିକ ସଂଘର ଦାବିପତ୍ର ପ୍ରଦାନ

**ସଇଁତଲା,୨୬।୬ (ଡି.ଏନ.ଏ.):** ସଇଁତଲା ବ୍ଲକ ବାରିକ ସଂଘ ତରଫରୁ ସେଲୁନ ଖୋଲିବା ପାଇଁ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କରୋନା ମହାମାରୀ ଯୋଗୁ ଗତବର୍ଷ ମାର୍ଚ୍ଚ ମାସରୁ ସମସ୍ତ ସେଲୁନ ବନ୍ଦ ରହିଛି । ଫଳରେ ସେଲୁନ ଦୋକାନୀମାନେ ନିଜ ପରିବାର ଚଳାଇବା ସହ ଦୋକାନ ଭଡ଼ା ଦେବା ଅତ୍ୟନ୍ତ କଷ୍ଟକର ହୋଇପଡିଛି । ରାଜ୍ୟ ସରକାର ଉଠା ଦୋକାନୀମାନଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରିଥିବା ବେଳେ ବାରିକମାନଙ୍କୁ କୌଣସି ସହାୟତା ପ୍ରଦାନ କରିନାହାନ୍ତି । କରୋନା ଗାଇଡ଼ ଲାଇନ ଅନୁସାରେ ସମସ୍ତ ସେଲୁନ ଖୋଲିବାକୁ ଅନୁମତି ପ୍ରଦାନ ସହ ଆର୍ଥିକ ସହାୟତା ଦେବାକୁ ସଇଁତଲା ବାରିକ ସଂଘ ଦାବି କରିଛି। ସଂଘ ସଭାପତି ଈଶ୍ୱର ଚନ୍ଦ୍ର ବାରିକ, ସମ୍ପାଦକ ପ୍ରଶାନ୍ତ କୁମାର ପଶାୟତ ପ୍ରମୁଖ ତହସିଲଦାରଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ବରିଷ୍ଠ ରାଜସ୍ୱ ସହାୟକ ସଂଯୁକ୍ତା ସାହୁ ଓ କନିଷ୍ଠ ରାଜସ୍ୱ ସହାୟକ ସଞ୍ଜୀବ କୁମାର ନାଗଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।

### ଯବାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୬।୬:** ବରଗଡ଼ରେ ଯବାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ, ୧୮୯ ବାଟାଲିୟନରର କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ, ସହକାରୀ କମାଣ୍ଡାଣ୍ଟ ରାଜୀବ କୁମାର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୩୫ଦିନ ଧରି ଏହି ପ୍ରଶିକ୍ଷଣ ଚାଲିବ। ପ୍ରଶିକ୍ଷକମାନେ ମାଓବାଦୀ ଦମନ, ମ୍ୟାପ୍ ରିଡ଼ିଂ, ଫାୟାରିଂ, ପ୍ରାଥମିକ ଉପଚାର ଆଦି ଉପରେ ପ୍ରଶିକ୍ଷଣ ଦେଉଛନ୍ତି।

### ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ମଶାରି ବଣ୍ଟନ

**ବରଗଡ଼ ଅଫିସ୍,୨୬।୬:** ବରଗଡ଼ ହାଟପଦାରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ଡା. ସାଧୁଚରଣ ଦାଶ, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ପରମେଶ୍ୱର ମେହେର, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ହେମସାଗର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଏହା ସହିତ ସ୍ଥାନୀୟ ଲୋକଙ୍କୁ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯାଇଥିଲା।

### କରୋନା ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୬।୬:** ବରଗଡ଼ ଜିଲା ଅତାବିରା ବ୍ଲକ ଖୁଣ୍ଟପାଲିରେ ଶନିବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଶା କର୍ମୀ ଯୋଗେଶ୍ୱରୀ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ ପରିକ୍ରମା କରି ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ତପସ୍ୱିନୀ କୁମ୍ଭାର, ଜ୍ୟୋତ୍ସ୍ନା ଦାଶ, ତପସ୍ୱିନୀ ପ୍ରଧାନ, ଆଶା କର୍ମୀ ଅଞ୍ଜଳି ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଧାନ କିଣାବିକାରେ ଜଟିଳ ସ୍ଥିତି

# ଧାନ ଉଠୁନି, ଗୋରୁ ଖାଉଛନ୍ତି

**ବରଗଡ଼ ଅଫିସ୍,୨୬।୬**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜଟିଳ ହୋଇପଡ଼ିଛି। ଏବେ ମଧ୍ୟ ଜିଲାର ବିଭିନ୍ନ ମଣ୍ଡି ସମେତ ଚାଷୀଙ୍କ କ୍ଷେତ, ଖଳାରେ ଲକ୍ଷାଧିକ ବସ୍ତା ଧାନ ପଡିରହିଛି। ମଣ୍ଡିରୁ ଧାନ ଉଠୁ ନ ଥିବାରୁ ବର୍ଷାରେ ଭିଜି ନଷ୍ଟ ହେଉଛି। ଚାଷୀ ସେହି ଧାନକୁ ଖଳା, ରାସ୍ତାରେ ଶୁଖାଇବାରେ ଲାଗିଛି। ତଥାପି ଚାଷୀଙ୍କ ଧାନ ବିକ୍ରି ହୋଇପାରୁ ନାହିଁ। ରାସ୍ତାରେ ପଡ଼ିଥିବା ଧାନକୁ ଗୋରୁ ଖାଉଛନ୍ତି। ଶନିବାର ଅତାବିରା ମଣ୍ଡି ସମ୍ମୁଖ ରାସ୍ତାରେ ଚାଷୀମାନେ ଶୁଖାଇଥିବା ଧାନକୁ ଗୋରୁ ଖାଉଥିବା ଦେଖିବାକୁ ମିଳିଥିଲା।

ଟୋକନ କଟକଣା ଧାନ ବିକ୍ରିବଟାରେ ମୁଖ୍ୟ ବାଧକ ସାଜିଛି। ଟୋକନ ଅବଧି ୩୦ରୁ ୧୨ଦିନକୁ ହ୍ରାସ ହୋଇଛି। କରୋନା କାଳରେ ଧାନ ବିକ୍ରିବଟାରେ ସରକାରଙ୍କ ଏଭଳି କଟକଣା ସାଧାରଣରେ ଗ୍ରହଣୀୟ ହେଉନାହିଁ। ସେହିପରି ସରକାର ଟୋକନ କଟକଣା କରିଥିଲେ ମଧ ଟୋକନରେ ତ୍ରୁଟିରୁ ଧାନ କିଣାବିକାରେ ସରକାରଙ୍କ ଆନ୍ତରିକତା ଏବଂ ବିଭାଗୀୟ କର୍ମଚାରୀଙ୍କ ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି। ଏଭଳି ସମସ୍ୟା ଯୋଗୁ ଧାନ ବିକ୍ରିବଟା ସମସ୍ୟା ଏପର୍ଯ୍ୟନ୍ତ ଅସମାହିତ ହୋଇ ରହିଯାଇଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି।

ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦିତ ଧାନକୁ କିଣିବାକୁ ଚାହୁଁ ନାହାନ୍ତି। କେନ୍ଦ୍ର ସରକାର ଆଣିଥିବା ୩ କୃଷି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଏବେଠାରୁ



ବରଗଡ଼ ଜିଲା ଅତାବିରା ମଣ୍ଡି ସମ୍ମୁଖ ରାସ୍ତାରେ ଚାଷୀ ଶୁଖାଇଥିବା ଧାନକୁ ଗୋରୁ ଖାଉଛନ୍ତି।

ଧାନ କିଣାବିକାରେ ସରକାରୀ ବ୍ୟବସ୍ଥାକୁ ଜାଣିଶୁଣି ଜଟିଳ କରାଯାଉଛି। କରୋନା କାଳରେ ଟୋକନ ଅବଧି ୩୦ରୁ ୧୨ଦିନକୁ ହ୍ରାସ କରିବା ଏହାର ଦୃଷ୍ଟାନ୍ତ। ଚାଷୀଙ୍କ ପ୍ରତି ସରକାରୀ କଳର ଏଭଳି ଅଣଦେଖା ମନୋଭାବ ଯୋଗୁ ବରଗଡ଼ ଜିଲାରେ ୭ରୁ ୧୦ହଜାର ଚାଷୀ ପ୍ରାୟ ୧୦ଲକ୍ଷ ବସ୍ତା ଅମଳ ଧାନ ବିକ୍ରି କରି ପାରିନାହାନ୍ତି ଏବଂ ଖୋଲା ଆକାଶତଳେ ପଡ଼ି ନଷ୍ଟ ହେବାରେ ଲାଗିଛି ବୋଲି ମହାପାତ୍ର କହିଛନ୍ତି । ଆଉ ଜଣେ ଚାଷୀନେତା ଏକାଦଶିଆ ସାହୁ କହିଛନ୍ତି, ଏଥର ଧାନ ଭଲ ହୋଇଥିଲା। ଗତବର୍ଷର କ୍ଷତି ଏବର୍ଷ ଭରଣା ହେବ ବୋଲି ଚାଷୀ ଆଶା ବାନ୍ଧିଥିଲା। କିନ୍ତୁ ସରକାରୀ କଟକଣା ଓ କାଳବୈଶାଖୀ ଯୋଗୁ ଚାଷୀଙ୍କ ସେହି ଆଶା ଧୂଳିସାତ୍ ହୋଇଗଲା। ଏ ସମ୍ପର୍କରେ ଜାଣିବା ପାଇଁ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୨୦୦୦୩୩କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ମୋବାଇଲ ସୁଇଚ୍ ଅଫ୍ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

## ବାବୁଲୁଙ୍କ ଚିକିତ୍ସାରେ ଅର୍ଥ ବାଧକ



ବାବୁଲୁ ଖଟିଆରେ ପଡିଛନ୍ତି।

**ବାଉଁଶୁଣୀ,୨୬।୬ (ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଖଲିଆପାଲି ପଞ୍ଚାୟତର ଖଲିଆପାଲି ଗାଁରେ ରୁହନ୍ତି ବାବୁଲୁ ଦାଶ(୪୦)। ସ୍ତ୍ରୀ ଯଶୋବନ୍ତୀ ଓ ମା'ଙ୍କୁ ନେଇ ତାଙ୍କ ପରିବାର। ବାବୁଲୁ ଏବେ ସ୍ନାୟୁ ରୋଗରେ ପୀଡିତ ହୋଇ ଖଟିଆରେ ପଡିରହିଛନ୍ତି। ସେ ଖଲିଆପାଲି ଗାଁରେ ଥିବା ରଘୁନାଥ ମନ୍ଦିରରେ ପୂଜା କରିଆସୁଥିଲେ। ମାତ୍ର ରୋଗରେ ପୀଡିତ ହେବା ଦିନରୁ ମନ୍ଦିର ପୂଜା କରି ପାରୁନାହାନ୍ତି । ସମ୍ପର୍କୀୟମାନେ ଗ୍ରାମରୁ ଅର୍ଥ ଆଦାୟ କରି ବାବୁଲୁଙ୍କୁ ପ୍ରଥମେ ସୋନପୁର ମେଡିକାଲ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଦୁଇ ମାସ ପରେ ଅପରେଶନ କରାଯିବ ବୋଲି କଟକରେ ଡାକ୍ତର କହିବାରୁ ବାବଲୁଙ୍କୁ ଘରକୁ ଫେରିଆସିଛନ୍ତି। ଏହି ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ପରିବାର ପାଇଁ ସରକାରୀ ସହାୟତା ସାତ ସପନ। ରହିବା ପାଇଁ ମଧ୍ୟ ଘର ଖଣ୍ଡିଏ ନାହିଁ। ଯଶୋବନ୍ତୀ ଡାଇବେଟିସ ଓ ରକ୍ତଚାପରେ ପୀଡିତ ଥାଇ ମଧ୍ୟ ଗାଁ ସ୍କୁଲରେ ରୋଷେଇ କରି ପରିବାର ଚଳାଉଛନ୍ତି। ରାଶନ କାର୍ଡ ଥିବାରୁ ମାସକୁ ୧୫ କିଲୋ ଚାଉଳ ପାଉଛନ୍ତି ଓ ବାବୁଲୁଙ୍କ ମା' ୫ଶହ ଟଙ୍କା ବିଧବା ଭତ୍ତା ପାଉଛନ୍ତି। ଜିଲା ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା ଯୋଗାଇ ଦେଲେ ବାବୁଲୁଙ୍କ ଉନ୍ନତର ଚିକିତ୍ସା ହୋଇପାରନ୍ତା ବୋଲି ଯଶୋବନ୍ତୀ କହିଛନ୍ତି।

## ଅନଶନରେ ଚାଷୀ, ମିଳୁନି ପ୍ରତିଶ୍ରୁତି

**ବରଗଡ଼ ଅଫିସ୍,୨୬।୬:** ଧାନ ଉଠାଣ ଦାବି ନେଇ ବରଗଡ଼ ଜିଲା ବରପାଲି ତହସିଲରେ ଚାଲିଥିବା ଚାଷୀଙ୍କ ଅନଶନ ଶନିବାର ତୃତୀୟ ଦିବସରେ ପହଞ୍ଚିଛି। ଚାଷୀ ଘନ ପ୍ରଧାନ ଗୁରୁତର ହୋଇ ପଡ଼ିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଶଯ୍ୟାଶାୟୀ ଅଛନ୍ତି। ଅନ୍ୟ ୩ ଚାଷୀମାନେ ପ୍ରମୁଖ ଅନଶନ ଜାରି ରଖିଛନ୍ତି। ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ପହଞ୍ଚି ଅନଶନକୁ ସମର୍ଥନ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଚାଷୀଙ୍କ ଧାନ ଉଠାଣ ଦାବି ନେଇ ପ୍ରଶାସନ ପକ୍ଷରୁ ଠୋସ୍ ପ୍ରତିଶ୍ରୁତି ମିଳିନାହିଁ। ଶୁକ୍ରବାର ବିଜେପୁର ବିଧାୟିକା ରୀତା ସାହୁ ଅନଶନକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଆସନ୍ତା ୨୯ତାରିଖରେ ଭୁବନେଶ୍ୱରରେ ବୈଠକ ରହିଛି। ସେହି ବୈଠକରେ ଉକ୍ତ ସମସ୍ୟା ଉପସ୍ଥାପନ କରିବେ ବୋଲି ସେ କହିଥିଲେ। ମାତ୍ର ଚାଷୀମାନେ ସେଥିରେ ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି ପ୍ରଥମ ଦିନ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ଅନଶନସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଅପରପକ୍ଷେ କଂଗ୍ରେସ, କୋସଲ ସେନା, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ଚାଷୀନେତା ରମେଶ ମହାପାତ୍ର, ନରେନ୍ଦ୍ର ଭୋଇ ପ୍ରମୁଖ ଅନଶନସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଛନ୍ତି।



ବରପାଲି ତହସିଲରେ ଚାଷୀଙ୍କ ଅନଶନ।

## ପ୍ୟାକ୍ସ ଅଫିସ୍‌ରେ ତାଲା ପକାଇଲେ ଚାଷୀ

**ସୋନପୁର,୨୬।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପ୍ୟାକ୍ସ କାର୍ଯ୍ୟାଳୟରେ ଉତ୍ୟକ୍ତ ଚାଷୀମାନେ ଶନିବାର ତାଲା ପକାଇ ଧାରଣାରେ ବସିଥିଲେ। ପଞ୍ଜୀକରଣ ସମୟରେ ଭାଗଚାଷୀଙ୍କ ଆଧାର ବଦଳରେ ଚାଷୀଙ୍କ ଆଧାର ରହିବା ଜନିତ ତ୍ରୁଟି ଯୋଗୁଁ ଏହି ପ୍ୟାକ୍ସ ଅନ୍ତର୍ଗତ ୨୪ ଜଣ ଚାଷୀଙ୍କ ଟୋକନ୍ ଆସିନି। ସେହିପରି ଭେରିଫିକେସନ ପରେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଯୋଗୁ କେତେକ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ଚାଷୀଙ୍କର କମ୍ ପରିମାଣର ଧାନ ବିକ୍ରି ପାଇଁ ଟୋକନ୍ ଆସିଛି। ୪୨ ଜଣ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଛି। ଅଞ୍ଚଳର ଚାଷୀ ଜିଲାପାଳଙ୍କ ସମେତ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ମାତ୍ର ସେମାନଙ୍କ ଟୋକନ୍ ଆସିଲାନି। ଚାଷୀ ଧାନ ବିକ୍ରି କରି ନ ପାରି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେଲେ। ଚାଷୀ ଜଗବନ୍ଧୁ ପଧାନ, ନେହେରୁ ପଧାନ, ଡକ୍ଟର ସେଠ୍, ନେହେରୁ ଅମାତ ଓ ଲୋଚନ ସାହୁ ପ୍ରମୁଖ ଧାରଣା ଦେଇଥିଲେ। ଭାଜପା ନେତା ଅଶୋକ ପୂଜାରୀ, ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ସୁରେଶ ପଧାନ, ନିତେଇ ପାଲ ଓ ଅକ୍ରୁର ଅମାତ ପ୍ରମୁଖ ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ରାମପୁରର ଅତିରିକ୍ତ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ଯୋଗାଣ ନିରୀକ୍ଷକ ଜଗବନ୍ଧୁ ଭୋଇ ପ୍ରମୁଖ ଘଟଣାସ୍ଥଳକୁ ଆସି ୨ ଦିନ ଭିତରେ ଧାନ ଉଠିବାର ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଚେରୁପାଲି ପ୍ୟାକ୍ସ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

## ଧୂର୍ଜଟି ଦାସଙ୍କ ବିୟୋଗରେ ଶୋକସଭା

**ବଲାଙ୍ଗୀର ଅଫିସ, ୨୬।୬**

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ, କେନ୍ଦ୍ରୀୟ କମିଟି ସଭ୍ୟ ତଥା ବିଶିଷ୍ଟ ସଂଗ୍ରାମୀ ଜନନେତା ଧୂର୍ଜଟି ଦାସଙ୍କ ବିୟୋଗରେ ବଲାଙ୍ଗୀରରେ ଗଭୀର ଶୋକପ୍ରକାଶ ପାଇଛି। ଲିଭର କ୍ୟାନ୍ସରରେ ପୀଡିତ ହୋଇ ଗତ ୨୪ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ସ୍ୱର୍ଗତ ଦାସ ୭୦ ଦଶକରେ ସମ୍ବଲପୁର ଗଙ୍ଗାଧର ମେହେର କଲେଜର ଲୋକପ୍ରିୟ ଛାତ୍ରନେତା ଭାବେ ସୁପରିଚିତ ଥିଲେ। ଛାତ୍ରାବସ୍ଥାରେ ଇନ୍ଦିରା ସରକାର ଦ୍ୱାରା ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତିରେ ଗିରଫ ହୋଇ ୨୦ ମାସ ଜେଲରେ ଥିଲେ । ପରବର୍ତ୍ତୀ ସମୟରେ ଅବିଭକ୍ତ ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ, କୋରାପୁଟ, ମୟୂରଭଞ୍ଜ ଆଦି ଜିଲାରେ ବହୁ ଗଣଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେ ଏସ୍‌ୟୁସିଆଇର କେନ୍ଦ୍ରୀୟ କମିଟି ସଭ୍ୟ ଓ ଓଡିଶା ରାଜ୍ୟ ସମ୍ପାଦକ ଭାବେ ନିଜର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ହଠାତ୍ ଦୁରାରୋଗ୍ୟ ରୋଗରେ ପୀଡିତ ହୋଇଥିଲେ। ତାଙ୍କର ବିୟୋଗ ଗଣ ଆନ୍ଦୋଳନ ତଥା ଶ୍ରମିକ, ଚାଷୀ, ମେହନତି ମଣିଷଙ୍କ ପାଇଁ ବିରାଟ କ୍ଷତି ବୋଲି ବଲାଙ୍ଗୀର ଗନ୍ଧରେଲସ୍ଥିତ ଏସ୍‌ୟୁସିଆଇ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ କୁହାଯାଇଛି। କଳାବ୍ୟାଜ ପରିଧାନ କରି ସଦସ୍ୟମାନେ ଶୋକ ଦିବସ ପାଳନ କରିଥିଲେ। ଏସ୍‌ୟୁସିଆ ଜିଲା ସାଙ୍ଗଠନିକ ସମ୍ପାଦକ ସୁନୀଲ ଭୋଇ, ରାଜେନ୍ଦ୍ର ରଣା, ବିକାଶ ଜେନା ଶୋକବ୍ୟକ୍ତ କରିଥିଲେ ।

## ନବୀକରଣ କାର୍ଯ୍ୟର ତଦାରଖ କଲେ



ପଞ୍ଚାୟତ ସମିତି ହାଇସ୍କୁଲ ପରିଦର୍ଶନ ଅବସରରେ ଅନ୍ୟମାନଙ୍କ ସହ ଜିଲାପାଳ ଚଞ୍ଚଳ ରାଣା।

**ଦେଓଗାଁ, ୨୬।୬(ଡି.ଏନ.ଏ.)**

### ଜିଲାପାଳଙ୍କ ପଞ୍ଚାୟତ ସମିତି ହାଇସ୍କୁଲ ପରିଦର୍ଶନ

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲକୁ ଶନିବାର ଜିଲାପାଳ ଚଞ୍ଚଳ ରାଣା ପରିଦର୍ଶନ କରିଥିଲେ। ପୂର୍ବାହ୍ନ ୧୦ଟାରେ ସ୍କୁଲ ପରିସରରେ ପହଞ୍ଚି ଜିଲାପାଳ ରାଣା ଚାଲିଥିବା ନବୀକରଣ କାର୍ଯ୍ୟର ତଦାରଖ କରିଥିଲେ। ଜିଲା ପରିଷଦ ପାଣ୍ଠିରୁ ୧୦ଲକ୍ଷ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୪୫ଲକ୍ଷ ଟଙ୍କା ଅନୁଦାନରେ ହାଇସ୍କୁଲର ସାମଗିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବେ ଚାଲୁ ରହିଛି। ଏହି କାର୍ଯ୍ୟର ଠିକଭାବେ ସମ୍ପାଦନ ସହ ଶୌଚାଳୟ ଓ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ଦୃଷ୍ଟି ଦେବାକୁ ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇ ଓ ବିଡିଓ ମୂରଲୀଧର ନାଏକଙ୍କୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଥିଲେ। ତେବେ ଅଦ୍ୟାବଧି ହୋଇଥିବା ନବୀକରଣ କାର୍ଯ୍ୟର ଅଗ୍ରଗତିକୁ ନେଇ ଜିଲାପାଳ ସନ୍ତୋଷବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ ଧୃବଚରଣ ବେହେରା, ବ୍ଲକ ଶିକ୍ଷାଧିକାରୀ ସଂକୀର୍ତ୍ତନ ବାଗ, ବିଭାଗୀୟ ଯନ୍ତ୍ରୀ ଶୁଭେନ୍ଦୁ ମାନସିଂ, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ବିଜ୍ଞାନ ଶିକ୍ଷକ ବିଭୂତି ଭୂଷଣ ବେହେରା, ବଳଦେବ ମାଝୀ, ଚୈତନ୍ୟ ସାହୁ, ଲକ୍ଷ୍ମୀ ନାରାୟଣ ପାଣିଗାହୀ, ଅଲୁମନି ଶୈଳେନ୍ଦ୍ର କୁମାର ସାହୁ, ବସନ୍ତ ଅଗ୍ରୱାଲ, ଗ୍ରାମ୍ୟ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ସୁବିଧାରୁ ବଞ୍ଚିତ ବନ୍ଧେଇ ଶ୍ରମିକ

**ଲୋଇସିଂହା, ୨୬।୬(ଡି.ଏନ.ଏ.)**

### ଲୋଇସିଂହା, ଝାରବନ୍ଧଲି କେନ୍ଦୁପତ୍ର ରେଞ୍ଜ

- ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି: ସର୍କଲ ଚେକର

ଚଳିତ ବର୍ଷ କେନ୍ଦୁପତ୍ର ବନ୍ଧେଇ କାମ ଆରମ୍ଭ ହୋଇଯାଇଛି। ହେଲେ ବନ୍ଧେଇ କାମରେ ନିୟୋଜିତ ଶ୍ରମିକ ଆବଶ୍ୟକ ସୁବିଧା ସୁଯୋଗରୁ ବଞ୍ଚିତ ରହୁଥିବା ଅଭିଯୋଗ ହୋଇଛି। ସେମାନଙ୍କୁ କମ୍ବଳ, ମଶାରି, ଔଷଧ, ଟର୍ଚ୍ଚ ଲାଇଟ ଇତ୍ୟାଦି ମିଳିନାହିଁ। ବନ୍ଧେଇ ଶ୍ରମିକଙ୍କ ଶିଶୁଙ୍କ ପାଠପଢା ବ୍ୟବସ୍ଥା କରାଯାଉନାହିଁ । ଏହାବାଦ ବିଭାଗ ପକ୍ଷରୁ ଶ୍ରମିକ ପରିବାରକୁ ଦିଆଯାଉଥିବା ସପ୍ତାହିକ ଖାଉରୀ ଖର୍ଚ୍ଚକୁ ନେଇ ଶ୍ରମିକ ପରିବାର ନାରାଜ। ଲୋଇସିଂହା ଥାନା ଅନ୍ତର୍ଗତ ଝାରବନ୍ଧଲିଠାରେ ଲୋଇସିଂହା ଓ ଝାରବନ୍ଧଲି କେନ୍ଦୁପତ୍ର ରେଞ୍ଜ ଅଫିସ କାର୍ଯ୍ୟ କରୁଛି । ଗତ ମେ ମାସ ଶେଷ ସପ୍ତାହରେ କେନ୍ଦୁପତ୍ର ସଂଗ୍ରହ ଶେଷ ହୋଇଛି। ଝାରବନ୍ଧଲି ରେଞ୍ଜରେ ୧୬ ଲକ୍ଷରୁ ଅଧିକ କେରି କେନ୍ଦୁପତ୍ର ସଂଗ୍ରହ ହୋଇଛି। ସେହିପରି ଲୋଇସିଂହା ରେଞ୍ଜରେ ୨୦ ଲକ୍ଷ ପାଖାପାଖି କେରି ସଂଗ୍ରହ ହୋଇଛି।



ଭାଲିଆମୁଣ୍ଡା ଫଡିରେ ଶ୍ରମିକମାନେ କେନ୍ଦୁପତ୍ର ବନ୍ଧେଇ କରୁଛନ୍ତି।

ଏବେ ବିଭିନ୍ନ ଫଡି ଘରେ ବନ୍ଧେଇ କାର୍ଯ୍ୟ ଚାଲୁଛି । ଭାଲିଆମୁଣ୍ଡା ଫଡି ଘରେ ମେଟ୍ ବିହାରୀ ସୁନାଙ୍କ ତତ୍ତ୍ୱାବଧାନରେ ଚୁଙ୍ଗିଦାଦର ଓ ନୁନିଆପାଲି ଗ୍ରାମର ୮ପରିବାରର ୨୫ ସଦସ୍ୟ କେନ୍ଦୁପତ୍ର ବନ୍ଧେଇ କାମରେ ନିୟୋଜିତ ଅଛନ୍ତି। ୫କେଜି ୩ଶହ ଗ୍ରାମ ବନ୍ଧେଇକୁ ସରକାରୀ ଭାବେ ଗତ ବର୍ଷ ୭୨ଟଙ୍କା ମିଳୁଥିଲା । ଏଠାରେ ନିୟୋଜିତ ବନ୍ଧେଇ ଶ୍ରମିକ ସମାରୁ ବିଭାର, ବୃନ୍ଦାବାତୀ ସୁନା, ମୂରଲୀ ସୁନା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଚଳିତବର୍ଷ ମସାରି, କମ୍ବଳ, ଔଷଧ, ଓଆରଏସ, ଟର୍ଚ୍ଚଲାଇଟ ଇତ୍ୟାଦି ଦିଆଯାଇ ନାହିଁ। ଫଡି ଘରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ଏପରିକି ସେମାନଙ୍କ ସହ ୯ ଜଣ ପାଠପଢା ପିଲାଥିଲେ ସୁଦ୍ଧା ଗାଇଡ ଶିକ୍ଷକ ବ୍ୟବସ୍ଥା କରାଯାଇ ନାହିଁ। ଏହାବାଦ ସପ୍ତାହିକ ଖାଉରୀ ଖର୍ଚ୍ଚ ବାବଦ ଦିଆଯାଉଥିବା ୫ଶହ ଟଙ୍କା ନିଅଣ୍ଟିଆ ପଡୁଥିବା ସେମାନେ କହିଛନ୍ତି। ହେଲେ ଗତ କିଛିବର୍ଷ ହେଲା ବନ୍ଧେଇ ଶ୍ରମିକଙ୍କୁ ଏହିପରି ଅବ୍ୟବସ୍ଥାରେ କାମ କରିବାକୁ ପଡୁଥିବା ସେମାନେ କହିଛନ୍ତି। ସେହିପରି ଦୁମଦୁମି ଫଡି ଘରେ ମେଟ ପହିଲ ବାଗଙ୍କ ତତ୍ତ୍ୱାବଧାନରେ ଆଗଲପୁର ନିକଟସ୍ଥ ପୁଟକିଗିନେଲ ଗ୍ରାମର ୮ ପରିବାର ବନ୍ଧେଇ କାମରେ ନିୟୋଜିତ ଅଛନ୍ତି। ସେମାନେ ମଧ୍ୟ ସମାନ ଅଭିଯୋଗ କରଛନ୍ତି। ସର୍କଲ ଚେକର ଟିକେଶ୍ୱର ବାଗ ଶ୍ରମିକଙ୍କ ଅଭିଯୋଗକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଅନ୍ୟପକ୍ଷରେ ଗତ ମେ ୨୪ତାରିଖରୁ କେନ୍ଦୁପତ୍ର ସଂଗ୍ରହ ସରିଯାଇଥିଲେ ହେଁ, ଶ୍ରମକଙ୍କୁ ପଉଣା ମିଳି ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୧/୨୧/୦୯, ତାରିଖ: ୨୩।୦୬।୨୦୨୧।**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ଦକ୍ଷିଣ ପୂର୍ବ ମଧ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

କ୍ର.ସଂ.: ୧. ଟେଣ୍ଡର ନଂ.: ୧୧୨୧୫୨୩୪। ଧାର୍ଯ୍ୟ ତାରିଖ: ୧୯।୦୭।୨୦୨୧ । ଧାର୍ଯ୍ୟ ସମୟ: ୧୦.୩୦ ଘଟିକା । ଟେଣ୍ଡର ମୂଲ୍ୟ (ଟଙ୍କା): ୦୦ । ଇଏମ୍‌ଡି (ଟଙ୍କା): ୦୦ । ବର୍ଣ୍ଣନା- ରେଲ ଟ୍ରାକ୍ ଭିତ୍ତିକ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ, ସମ୍ପୂର୍ଣ୍ଣ ପ୍ରଣାଳୀ ଆର୍‌ଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂଖ୍ୟା ଆଇଆର୍‌ଏସ୍‌ଟି-୪୮ ସମେତ ଏସିଏସ୍-୦୧ ତାରିଖ ୨୬।୦୨।୨୦୨୦ ଅନୁରୂପ (ପ୍ୟାସେଜ୍ ୩.୬ - ବର୍ଗ (ii) ୧ କି.ମି. ଟାଇପ୍) ସ୍ଥାପନ ତାରିଖରୁ ୨ ବର୍ଷର ୱାରେଣ୍ଟି ସହିତ, ଏଏମ୍‌ସିର ଅର୍ଥ ହେଉଛି ୱାରେଣ୍ଟି ଅବଧିରେ କମିଶନିଂ ତାରିଖରୁ ୨ ବର୍ଷ ପାଇଁ ରେଲ ଟ୍ରାକ୍ ଭିତ୍ତିକ ଲୁବ୍ରିକେଟର୍‌ର ନିରବଚ୍ଛିନ୍ନ କାର୍ଯ୍ୟକ୍ଷମତା ପାଇଁ ସ୍ଥାପନ କରାଯାଇଥିବା ସାଇଟ୍‌ରେ ରକ୍ଷଣାବେକ୍ଷଣ ଏବଂ ସବୁପ୍ରକାର ଆବଶ୍ୟକ ସହାୟତା ସମେତ କୁଶଳୀ ଇଞ୍ଜିନିୟର, ତତ୍‌ସମ୍ପର୍କିତ ଶ୍ରମିକ ଓ ଶ୍ରମବଳ, ସମସ୍ତ ସାଧନ, ପ୍ଲାଣ୍ଟ, ଲିଡ୍ ମେଶିନେରିର ଉପଲବ୍ଧତା ।

ଟେଣ୍ଡରଦାତା ଦୟାକରି ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ ।

ଦ୍ରଷ୍ଟବ୍ୟ: ବିବାଦୀୟ ପରିସ୍ଥିତିରେ ଇଂରାଜୀ ଲେଖା ସଂସ୍କରଣକୁ ପ୍ରମାଣିତ ଭାବେ ବିବେଚନା କରାଯିବ ।

ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର
CPR/10/73 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୫୪୯, ୨୨୨୫୪୨୧, ୨୨୨୦୭୬୦
ଫାକ୍ସ: ୦୬୧୨-୨୨୨୬୪୯୧

ନଂ. ସିଡବ୍ଲୁସି ଆର୍‌ଓ-ପାଟନା/ଇଏନ୍‌ଜିଜି/ଜଟଣୀ/ଏନ୍‌ଆଇଟି/୧୮/୨୦୨୧-୨୨ ତାରିଖ: ୨୬।୦୬।୨୦୨୧

**ଇ-ଟେଣ୍ଡର ନଂ. ୧୮ ଆହ୍ୱାନ**

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:-
୧. କାର୍ଯ୍ୟର ନାମ: ସିଡବ୍ଲ୍ୟୁ, ଜଟଣୀ (ଓଡ଼ିଶା) ସ୍ଥିତ ତଳିଆ ଅଞ୍ଚଳଗୁଡ଼ିକ ପାଇଁ ରିଟେନିଂ ୱାଲ୍ ଏବଂ ବାଉଣ୍ଡରୀ ୱାଲ୍ ସହିତ ଲ୍ୟାଣ୍ଡ ଫିଲିଂ । ଅଟକଳ ମୂଲ୍ୟ ଟଙ୍କାରେ: ୭୪,୭୯,୯୮୨/-, ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୧୨।୦୭।୨୦୨୧ ।
ସବିଶେଷ ଟେଣ୍ଡର ବିଜ୍ଞପ୍ତି ସହିତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/appରେ ଦେଖାଯାଇପାରିବ ଏବଂ ଡାଉନଲୋଡ୍ କରାଯାଇପାରିବ । ଏହି ଟେଣ୍ଡର ସମ୍ବନ୍ଧୀୟ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/app (ସିପିପି)ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜ ବିଜ୍ଞାପନ ଜାରି କରାଯିବ ନାହିଁ ।

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୭ ଜୁନ୍, ୨୦୨୧

## କରୋନା ପରେ ହୃଦ୍‌ଘାତରେ ଛାତ୍ରଙ୍କ ମୃତ୍ୟୁ

**ବାଉଁଶୁଣୀ,(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ରଥିପଡାର ଶୁଭମ କୁମାର ଚାନ୍ଦ (୨୩)ଙ୍କ ହୃଦ୍‌ଘାତରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ପରଲୋକ ହୋଇଯାଇଛି । ସେ ଜଣେ ମେଧାବୀ ଛାତ୍ର ଥିଲେ । ମାଟ୍ରିକରୁ ଏମଏସି ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଗତ ଦେଢ଼ ମାସ ତଳେ କରୋନାରେ ଆକ୍ରାନ୍ତ ହୋଇ ପରେ ସୁସ୍ଥ ହୋଇଥିଲେ । ଗତ ୨୦ ତାରିଖରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ୨୪ ତାରିଖ ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା । ବୀରମହାରାଜପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ବଡଭାଇ ଅଭିଷେକ ମୁଖାଗ୍ନି ଦେଇଥିଲେ ।



### ସଂକ୍ଷେପରେ

## ଶ୍ମଶାନରେ ଲଗାଇଲେ ଫଟୋ



**ବରଗଡ଼ ଅଫିସ୍,୨୬।୬:** କରୋନା ଟିକାକରଣ କେନ୍ଦ୍ର ତଥା ଟିକା ପ୍ରମାଣପତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଲାଗିବା ଘଟଣାକୁ ବରଗଡ଼ ଜିଲା ଛାତ୍ର କଂଗ୍ରେସ ବିରୋଧ କରିଛି। ଏହି କ୍ରମରେ କଂଗ୍ରେସ କର୍ମୀମାନେ ବରଗଡ଼ ସ୍ୱର୍ଗଦ୍ୱାର(ଶ୍ମଶାନ)କୁ ଯାଇ ମୁଖ୍ୟ ଫାଟକରେ ମୋଦି ଓ ନବୀନଙ୍କ ଫଟୋ ଲଗାଇ ପ୍ରତିବାଦ କରିଥିଲେ । ପ୍ରଦେଶ ଛାତ୍ର କଂଗ୍ରେସର ସୋସିଆଲ ମିଡ଼ିଆ ଉପାଧ୍ୟକ୍ଷ ଅଭିଷେକ ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତିଙ୍କ ସମେତ ଦଳୀୟ କର୍ମୀମାନେ ଶ୍ମଶାନକୁ ଯାଇ ଫଟୋ ଲଗାଇଥିଲେ ।

## ଦେଓଗାଁ ପଞ୍ଚାୟତ ସମିତି ବୈଠକ

**ଦେଓଗାଁ,୨୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଶୁକ୍ରବାର ଭର୍ଚୁଆଲ ଯୋଗେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ଉପାଧକ୍ଷ ରାଜୁ ବାଗ, ବିଡିଓ ମୁରଲୀଧର ନାଏକ, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏମପି ପ୍ରତିନିଧି ଅମିତ ସିଂ ନିନା, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ଓ ନିଜ ନିଜ ପଞ୍ଚାୟତ ମୁଖ୍ୟାଳୟରୁ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଭର୍ଚୁଆଲ ମାଧମରେ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ବୈଠକରେ ଉନ୍ନୟନ କାର୍ଯ୍ୟ ଓ ଜଳସେଚନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସର୍ବସମ୍ମତି କ୍ରମେ ସିଏଫସି ଓ ଏସଏଫସି ପାଣ୍ଠି ୨୦୨୧-୨୨ପାଇଁ ବାର୍ଷିକ ଖସଡା ଉପରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଦେଓଗାଁ ବ୍ଲକରେ ଜଳସେଚନ କିପରି ଅଧିକ ପରିମାଣରେ ହୋଇପାରିବ ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦାବି କରିଥିଲେ ଜିଲା ପରିଷଦ ସଭ୍ୟ ଚାନ୍ଦ । କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ କୁମୁରିଆରେ ସ୍କୁଲ କୋଠା ନ ଥିବାରୁ ସ୍କୁଲ କୋଠା ନିର୍ମାଣ ପାଇଁ ଉପାଧକ୍ଷ ରାଜୁ ବାଗ ଦାବି କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳୀ ନାଏକ ଧନ୍ୟବାଦ ଦେଇଥିଲେ ।

## ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଟିକାକରଣ

**ବାଉଁଶୁଣୀ,୨୬।୬ (ଡି.ଏନ.ଏ):** ବୌଦ୍ଧ ବ୍ଲକ ନୂଆପାଲି ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଅସ୍ଥାୟୀ କୋଭିଡ ଟିକାକରଣ କେନ୍ଦ୍ର କରାଯାଇଛି । ତେବେ ଏହି କେନ୍ଦ୍ରର ପରିବେଶ ଅସ୍ୱାସ୍ଥ୍ୟକର ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ,ଲକ୍‌ଡାଉନ ଯୋଗୁ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଥିବା ହେତୁ ପରିବେଶ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇପଡିଛି । ଅଙ୍ଗନୱାଡି କେନ୍ଦ୍ର ଖୋଲା ନ ଗଲେ ମଧ ସ୍କୁଲ ପରିସରକୁ ସଫା ରଖିବାକୁ ସରକାରୀ ନିର୍ଦ୍ଦେଶ ଥିଲେ ହେଁ ଏଠାରେ ତାର ବ୍ୟତିକ୍ରମ ହୋଇଛି ।

## ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୨୬।୬:** ବଲାଙ୍ଗୀର ସହର ରାଧାରାଣୀପଡାର ବୟୋଜ୍ୟେଷ୍ଠ ନାଗରିକ ଭାବେ ପରିଚିତ କୁନ୍ଦା ସାହୁ (୮୭)ଙ୍କ ତାଙ୍କ ବାସଭବନରେ ପରଲୋକ ଘଟିଛି। କିଛିଦିନ ହେଲା ସେ ଅସୁସ୍ଥ ହୋଇପଡିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଘରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ପରଲୋକ ଘଟିଥିଲା। ସେ ଜଣେ ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ସ୍ତ୍ରୀ, ବଡପୁଅ ସୁଦାମ ସାହୁ, ବୋହୂ ଗୌରୀ, ସାନପୁଅ ସୁରେନ୍, ଝିଅଜ୍ୱାଇ, ନାତିନାତୁଣୀ ଅଛନ୍ତି। ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ବଡପୁଅ ସୁଦାମ ମୁଖାଗ୍ନି ଦେଇଥିଲେ।

# ଭାଙ୍ଗିଲା ଚେକ୍‌ଡ୍ୟାମ୍ ଗାର୍ଡୱାଲ

**ଜୁନାଗଡ, ୨୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ଗ୍ରାମସ୍ଥିତ ହାଲେର ଯୋର (ନାଳ) ଉପରେ ନିର୍ମିତ ପଡିଆ ଚେକ୍‌ଡ୍ୟାମର ଗୋଟିଏ ପାର୍ଶ୍ୱର ଗାର୍ଡୱାଲ ଭାଙ୍ଗିଯାଇଛି। ବର୍ଷା ଦିନରେ ଏହି ନାଳରେ ଭର୍ତ୍ତି ପାଣି ପ୍ରବାହିତ ହୋଇଥାଏ। ଗାର୍ଡୱାଲ ଭାଙ୍ଗିଯିବାରୁ ସେହି ପଟେ ବଢି ପାଣି କୂଳ ଲଙ୍ଘି ଚାଷ ଜମି ଭିତରେ ପ୍ରବେଶ କରିବା ସମ୍ଭାବନା ରହିଛି। ଯଦ୍ୱାରା ଚାଷଜମି ସବୁ ବାଲିଚର ହେବା ଆଶଙ୍କା ରହିଛି। ଏପଟେ ବିଭାଗକୁ ଚାଷୀମାନେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହାକୁ ନେଇ ସ୍ଥାନୀୟ ଚାଷୀମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୨୦୧୮ ଫେବୃୟାରୀରେ ଭବାନୀପାଟଣା କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ୩୭ ଲକ୍ଷ ୨୭ ହଜାର ୨୭୭ ଟଙ୍କାରେ ଏହି



ଚେକ୍‌ଡ୍ୟାମ୍ ଗାର୍ଡୱାଲ ଭାଙ୍ଗିଯାଇଛି।

ଚେକଡ୍ୟାମ ନିର୍ମାଣ କରାଯାଇଥିଲା। କମ୍ ଉଚ୍ଚତା ଓ ନିମ୍ନମାନର କାମ ଯୋଗୁ ଆରମ୍ଭରୁ ହିଁ ଏହା ଚାଷୀଙ୍କ କାମରେ ଲାଗିଲା ନାହିଁ। ନାଳରେ ବନ୍ଧା ଯାଇଥିବା ଆଡିବନ୍ଧ କମ୍ ଉଚ୍ଚତା ଥିବାରୁ ସଦାସର୍ବଦା ପାଣି ଓଭରଫ୍ଲୋ (ଉଛୁଳି) ତଳକୁ ବୋହି ଯାଉଥିଲା। ଫଳରେ ଉପର ମୁଣ୍ଡରେ ଥିବା ଚାଷୀଙ୍କୁ ପାଣି ନେବାରେ ଅସୁବିଧା ହେଉଥିଲା। ନାଳର ପାଣି ଅଟକାଇବା ପାଇଁ ବିଭିନ୍ନ ସମୟରେ ଚାଷୀମାନେ ବାଲି ବସ୍ତା ପକାଇ ଆଡିବନ୍ଧ ବାନ୍ଧିଥିଲେ। ନିମ୍ନମାନର କାମ ଯୋଗୁ ନିର୍ମାଣର କିଛିଦିନ ପରେ ଚେକଡ୍ୟାମ୍‌ର ଲୁହା ଫାଟ କଟି ଅଚଳ ହୋଇଯିବା ସହ ଏହାକୁ ବନ୍ଧାଯାଇ ଥିବା କଂକ୍ରିଟଗୁଡିକ ଭାଙ୍ଗିଯାଇଥିଲା। ଏହାର କିଛିଦିନ ପରେ ଏବେ ଗାର୍ଡୱାଲ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ତେଣୁ ପାଣି ମାଡି ଯାଇ ବାଲିଚର ହୋଇ କ୍ଷୟକ୍ଷତି ହେବା ପୂର୍ବରୁ କ୍ଷୁଦ୍ର ଜଳସେଚନ ବିଭାଗ ଶୀଘ୍ର ଏହାର ମରାମତି କରିବା

### ମରାମତି ନ ହେଲେ ବାଲିଚର ହେବ ଜମି

ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏହି ଚେକ୍‌ଡ୍ୟାମ ଉପରେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରିଥାନ୍ତି। ଅନ୍ୟପକ୍ଷରେ, ଜଳସେଚିତ ଜମି ହେଉଥିବାରୁ ଚାଷୀମାନେ ଜଳକର ବାନ୍ଧୁଥିବାବେଳେ ଧାନ ବିକ୍ରି ସମୟରେ ଏହି ଚାଷ ଜମିଗୁଡିକ ଅଣଜଳସେଚିତ ଆସିବା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ। ଅଣଜଳସେଚିତ ଚାଷ ଜମି ଆସୁଥିବାରୁ ଅନେକ ଚାଷୀ ସେମାନେ ତାଙ୍କ ପୂର୍ଣ୍ଣ ଧାନକୁ ବିକ୍ରି କରି ପାରୁ ନ ଥିବା ଜଣାପଡିଛି। ଏ ନେଇ କ୍ଷୁଦ୍ରଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଙ୍କର ପ୍ରସାଦ କାଲମୁଣ୍ଡିଙ୍କୁ ପଚାରିବାରୁ ବର୍ତ୍ତମାନ କୌଣସି ପାଣ୍ଠି ନାହିଁ, ତେଣୁ କେଉଁ ଯୋଜନାରେ ଆମେ ମରାମତି କରିବୁ ବୋଲି ସଫେଇ ଦେଇଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ଗରିବ ପରିବାର



ନିଜଘର ଆଗରେ ପରିବାର ସଦସ୍ୟଙ୍କ ସହ ଶଶି ମହାକୁର।

**ଲୋଇସିଂହା,୨୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ଗ୍ରାମର ଶଶି ମହାକୁର(୩୮)। ସ୍ତ୍ରୀ ଚୟଦେଇ, ପୁଅ ବରୁଣ, ଝିଅ ସାରଚି, ଭଉଣୀ ସବ୍ୟା ଓ ବିଧବା ମା ଦୂହିତୀ(୬୭)ଙ୍କୁ ନେଇ ତାଙ୍କ ପରିବାର। ଜମିବାଡି କିଛିନାହିଁ। ଜଳଖିଆ ହୋଟେଲରେ ମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଯାହା ପାରିଶ୍ରମିକ ମିଳେ ସେଥିରେ ବଡକଷ୍ଟରେ ଘର ଚଳୁଥିଲା। ଲକ୍‌ଡାଉନ ଓ ଶଟଡାଉନ ଯୋଗୁ ଏବେ ଜଳଖିଆ ଦୋକାନ ବନ୍ଦ ରହିଥିବାରୁ ରୋଜଗାର ହରାଇ ଘରେ ବସି ରହିଛନ୍ତି। ମା ଦୁହିତୀଙ୍କ ଭତ୍ତା ବାବଦ ୫ଶହ ଟଙ୍କା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳୁଛି। ଏଥିରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇ ପଡିଛି। ପେଟକୁ ଦୁଇଓଳି ଦାନା ଯୋଗାଇବା କଠିନ ହେଉଥିବା ବେଳେ ଭଙ୍ଗାଘରେ କିପରି ରହିବେ ସେହି ଚିନ୍ତା ଏବେ ଶଶିଙ୍କୁ ଘାରିଛି। ଦୀର୍ଘ ବର୍ଷ ତଳେ ବିଧବା ମା ଏକ ଇନ୍ଦିରା ଆବାସ ଘର ପାଇଥିଲେ। ସେହି ଆଜବେଷ୍ଟସ ଘର ଏବେ ଶୋଚନୀୟ ହୋଇପଡିଛି । ଏହାକୁ ମରାମତି କରିବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଆବାସ ଘର ପାଇଁ ଆବେଦନ କରି ସେ ନିରାଶ ହୋଇ ପଡିଥିବା କହିଛନ୍ତି ଶଶୀ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ସରପଞ୍ଚ ଉର୍କୁଲ ଧରୁଆଙ୍କୁ ପଚାରିବାରୁ ଶଶୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛି। ବିଡିଓଙ୍କ ସହ ଆଲୋଚନା କରି ଆବାସ ଯୋଗନାରେ ଏକ ଘର ଯୋଗାଇ ଦେବାକୁ ଚେଷ୍ଟା କରିବି ବୋଲି କହିଥିଲେ।

# ଟିକା ନେବାକୁ ସାମାଜିକ ଦୂରତ୍ୱ ଉଲ୍ଲଂଘନ



ବେହେରାମାଲ ଟିକାକେନ୍ଦ୍ର ସମ୍ମୁଖରେ ଲୋକଙ୍କ ଗହଳି।

**ବିନିକା, ୨୬।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ରାମପୁର ତହସିଲ ଅଧୀନ ବେହେରାମାଲ ଟିକାକେନ୍ଦ୍ର ବାହାରେ ଟିକା ନେବା ପାଇଁ ଲୋକଙ୍କ ପ୍ରବଳ ଭିଡ ଜମୁଛି। ସାମାଜିକ ଦୂରତ୍ୱକୁ କେହି ମାନୁ ନାହାନ୍ତି। ଭିଡ ଦେଖିଲେ ଲାଗୁଛି ସତେ ଯେମିତି ଟିକା ନେବାକୁ ନୁହେଁ ବରଂ କରୋନାକୁ ନିମନ୍ତ୍ରଣ ଦେବା ପାଇଁ ସେମାନେ ଆସୁଛନ୍ତି। ଟିକା ନେବାର ବ୍ୟଗ୍ରତାରୁ ଟିକାକେନ୍ଦ୍ରରେ ଏହି ପରିସ୍ଥିତି ସୃଷ୍ଟି ହେଉଛି । ଟିକାକେନ୍ଦ୍ର ଖୋଲିବା ପୂର୍ବରୁ ଲୋକେ କେନ୍ଦ୍ରକୁ ଆସି ଭିଡ ଜମାଇ ଦେଉଛନ୍ତି। କେତେକ ପାଚେରି ଡେଇଁ ଟିକା କେନ୍ଦ୍ର ଗେଟ୍ ସମ୍ନାକୁ ଯିବାକୁ ପ୍ରୟାସ କରୁଛନ୍ତି। ଅନଲାଇନ(ସ୍ଲଟ୍ ବୁକିଙ୍ଗ) କରିଥିବା ଲୋକେ ବି ଟିକା ନେବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଭାଗୀୟ କର୍ତ୍ତୃପକ୍ଷ ବେହେରାମାଲ ଟିକାକେନ୍ଦ୍ରରେ କୋଭିଡ ନିୟମର ଯେଉଁଭଳି ଉଲ୍ଲଂଘନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

**ବାଉଁଶୁଣୀ, ୨୬।୬ (ଡି.ଏନ.ଏ.)**

କଣ୍ଟାମାଳ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ, ସୁଜି ଓ ବାଦାମ ଲଡୁ ବଣ୍ଟନ କରାଯାଉଥିବା ଅଭିଯୋଗ ହେଉଛି। ବୁଧବାର ଲମ୍ବସରି ପଞ୍ଚାୟତ ପିଣ୍ଡାପଦର ଅଙ୍ଗନୱାଡି କେନ୍ଦ୍ରରେ ଜାମୁଖୋଲ, ସାଙ୍କୋଚ, ସେଲାମାଲ ଓ ପିଣ୍ଡାପଦର ଗ୍ରାମର ଗର୍ଭବତୀ ମହିଳା ଓ ଅଭିଭାବକମାନେ ଏ ନେଇ ପ୍ରତିବାଦ କରି ନିମ୍ନମାନର ସାମଗ୍ରୀ ନେବାକୁ ମନା କରିବା ସହ କେନ୍ଦ୍ରରେ ତାଲା ପକାଇଥିଲେ। ଏହିସବୁ ସାମଗ୍ରୀ ପଥର୍ଲା ଗ୍ରାମର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଣ କରୁଥିବା ଜଣାପଡିଛି । ଛତୁଆ ପ୍ୟାକେଟରେ ୨୫ ମେ, ୨୦୨୧ ଲେଖାଥିବା ଜଣାପଡିଛି। ଏହା ଜୁନ ୨୩ ତାରିଖରେ ବଣ୍ଟନ ହେଉଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା କେତେ ଦିନ ଖାଇବେ ବୋଲି ଗର୍ଭବତୀ ମହିଳାମାନେ ପ୍ରଶ୍ନ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ସାମଗ୍ରୀ ବଣ୍ଟନ କରୁଥିବା ବେଳେ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ କେନ୍ଦ୍ରର ଗ୍ରୀଲ ବନ୍ଦ କରି ଭିତରେ ରହିଥିଲେ। ଏହି ଅଙ୍ଗନୱାଡି କେନ୍ଦ୍ର ନିୟମିତ ଖୋଲୁ ନ ଥିବା ଓ ସାମଗ୍ରୀ ବଣ୍ଟନ ହେଉ ନ ଥିବା ଯୋଗୁ ଛତୁଆ, ସୁଜି ଓ ବାଦାମ ଲଡୁ ପ୍ୟାକେଟ ମୂଷା ଖାଇ ନଷ୍ଟ କରି ଦେଉଛି । ସେହିପରି ଲୋକଙ୍କୁ ମାସ୍କ ଓ ସାନିଟାଇଜର ବାଣ୍ଟିବାକୁ ଆସିଥିଲେ ହେଁ ତାହା ବଣ୍ଟନ ନ ହୋଇ ରୋଷେଇ ଘରେ ପଡିରହିଛି। ଦାୟିତ୍ୱରେ ଥିବା ସୁପରଭାଇଜର କିମ୍ବା କୌଣସି ବିଭାଗୀୟ ଅଧିକାରୀ କେନ୍ଦ୍ରକୁ ପରିଦର୍ଶନରେ ଆସୁ ନ ଥିବା ଅଭିଯୋଗ ହେଉଛି। ଏହି ଅଙ୍ଗନୱାଡି କେନ୍ଦ୍ର ସମେତ ଅନ୍ୟ କେନ୍ଦ୍ରରେ ମଧ ନିମ୍ନମାନର ଛତୁଆ ଦିଆଯାଉଥିବା ଅଭିଯୋଗ ହେଉଛି। କଣ୍ଟାମାଳ ସିଡିପିଓ ଏବଂ ଉପଜିଲାପାଳ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# କରୋନା ଯୋଦ୍ଧା ସମ୍ମାନିତ

**ଅତାବିରା,୨୬।୬(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲିସ୍ଥିତ ରାମଚଣ୍ଡୀ ମନ୍ଦିର ସଭାଗୃହରେ ଶନିବାର ପ୍ରତିଭା ଓ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତାବିରା ଥାନାଧିକାରୀ ଦିଲୀପ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କରୋନା କାଳରେ ଲୋକଙ୍କୁ ସେବା ଯୋଗାଇଥିବାରୁ ୬ଜଣଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଶିକ୍ଷାବିତ୍ କୈଳାସ ମହାରଣା, ପରିବେଶବିତ୍ ଧର୍ମରାଜ ପ୍ରଧାନ,



ଜଣେ ଶିକ୍ଷାବିତ୍‌ଙ୍କୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଉଛି।

ଦିବାକର ପ୍ରଧାନ, ସମାଜସେବୀ ଦୀପିକା ମେହେର, ପ୍ରଶାନ୍ତ ମେହେର, ଅଜିତ କୁମାର ନାଥ ଏବଂ ଖବରଦାତା ହୃଷିକେଶ ଖମାରୀ । ଜନ କଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୁର୍ଲ୍ଲଭ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଡା. ଅଜିତ କୁମାର ବାରିକ, ଚନ୍ଦ୍ରଭାନୁ ନାଏକ, ରାକେଶ କୁମାର କଲେତ, ସୁରଭି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତ ମୁଖ୍ୟାଳୟରେ ଚାଲିଥିବା ଧାରଣା ପ୍ରତ୍ୟାହୃତ



ଭିଆଇପି ପକ୍ଷରୁ ଚାଲିଥିବା ଧାରଣାସ୍ଥଳରେ ବିଡିଓ ମୂରଲୀଧର ନାଏକ।

**ଦେଓଗାଁ, ୨୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଡୁମେରପିଟା ପଞ୍ଚାୟତ ମୁଖ୍ୟାଳୟରେ ଚାଲିଥିବା ଧାରଣା ବିଡିଓଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି । ଭିଲେଜର୍ସ ଇଣ୍ଡିଆ ପାର୍ଟି ଅଧକ୍ଷ ଡ.ବିପିନ କୁଶୁଲିଆଙ୍କ ନେତୃତ୍ୱରେ ଗତ ୧୮ ତାରିଖଠାରୁ ନୂତନ ପଞ୍ଚାୟତ କୋଠା ସମ୍ମୁଖରେ ନିର୍ମାଣ ହୋଇଥିବା କୋଠା କାର୍ଯ୍ୟକ୍ଷମ, ନୂତନ ମିଶନ ଶକ୍ତି କୋଠାର ଉଦ୍‌ଘାଟନ, ପଞ୍ଚାୟତ ମୁଖ୍ୟାଳୟରେ ପିଡିଏସ ସାମଗ୍ରୀ ବଣ୍ଟନ ତଥା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାନୀୟଜଳ ବ୍ୟବସ୍ଥା ଆଦି ଦାବିକୁ ନେଇ ଧାରଣା ଜାରି ରହିଥିଲା। ଶୁକ୍ରବାର ରାତିରେ ବିଡିଓ ମୂରଲୀଧର ନାଏକ,ଏପିଓ ପ୍ରଶାନ୍ତ କୁମାର ସାହୁ ଓ ବିପିଏମ ପ୍ରଦୀପ କୁମାର ଛତ୍ରିଆ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ପାର୍ଟି କର୍ମକର୍ତ୍ତା ଓ ପଞ୍ଚାୟତବାସୀଙ୍କ ସହ ଆଲୋଚନା କରିଥିଲେ। ୮ଦିନ ମଧରେ ନବନିର୍ମିତ କୋଠାର ଉଦ୍‌ଘାଟନ ଓ ପଞ୍ଚାୟତ ମୁଖ୍ୟାଳୟରେ ପିଡିଏସ ବଣ୍ଟନ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

# ଆଶାକର୍ମୀଙ୍କୁ ପଲ୍ସ ଅକ୍ସିମିଟର ବଣ୍ଟନ



ଆଶାକର୍ମୀଙ୍କୁ ପଲ୍ସ ଅକ୍ସିମିଟର ବଣ୍ଟନ କରାଯାଉଛି ।

**ସୋନପୁର,୨୬।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପଲ୍ସ ଅକ୍ସିମିଟର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସଙ୍ଗୀତା ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ୭୭ଜଣ ଆଶାକର୍ମୀଙ୍କୁ ପଲ୍ସ ଅକ୍ସିମିଟର ବଣ୍ଟନ ସହ ତାଙ୍କୁ ଏହାର ବ୍ୟବହାର ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମହାମାରୀ କରୋନା ମୁକାବିଲାରେ ଏହା ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅକ୍ସିମିଟରଗୁଡିକୁ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବିଧାୟକ ପାଣ୍ଠିରୁ କିଣାଯାଇଛି। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିଲେ। ଏନଏଚଏମ ବିପିଏମ୍ ଅଶୋକ ମିଶ୍ର, ସୁଜିତ ସାହୁ ଓ ସ୍ୱାସ୍ଥ୍ୟ ପରିଦର୍ଶକ ଶାନ୍ତନୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅମିତ ପଧାନ ଓ ରତନ ବିଶି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସରକାରୀ ଚାକିରି ସର୍ବୋଚ୍ଚ ବୟସ ସୀମା ୪୨କୁ ବୃଦ୍ଧି ପ୍ରସ୍ତାବ

**ବଲାଙ୍ଗୀର ଅଫିସ, ୨୬।୬**

### ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲେ ଲୋଇସିଂହା ବିଧାୟକ

ଓଡ଼ିଶା ସରକାରଙ୍କ ଅଧିନରେ ସରକାରୀ ଚାକିରିରେ ପ୍ରବେଶ କରିବା ସର୍ବୋଚ୍ଚ ବୟସକୁ ୩୨ରୁ ୪୨ ବର୍ଷ ବୟସକୁ ବୃଦ୍ଧି କରାଯାଉ ବୋଲି ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଚିଠି ଜରିଆରେ ମୁଖ୍ୟଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ରଙ୍କୁ ଜଣାଇଛନ୍ତି। ସରକାରୀ ଚାକିରି ପାଇଁ ଆଶାୟୀ ଛାତ୍ରୀଛାତ୍ରଙ୍କ ବୟସ ସୀମାକୁ ୩୨ବର୍ଷ ବୟସରେ ସୀମିତ କରିଦେବା ଦ୍ୱାରା ରାଜ୍ୟର ଶିକ୍ଷିତ ଛାତ୍ରୀଛାତ୍ରମାନେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ସେ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦେଶର ଅନ୍ୟ ରାଜ୍ୟରେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମାର ଏକ ତାଲିକା ମଧ ପ୍ରଦାନ କରିଛନ୍ତି। ଉକ୍ତ ଚିଠିରେ ବିଧାୟକ ମହାଲିଙ୍ଗ ଜଣାଇଛନ୍ତି ଯେ, ପ୍ରାୟ ୧୯୮୯ ମସିହାରୁ ଓଡିଶାରେ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ଧାର୍ଯ୍ୟ କରାଯାଇଛି। ଛାତ୍ରୀଛାତ୍ରମାନେ ବିଭିନ୍ନ ଉଚ୍ଚଶିକ୍ଷା ଶେଷ କରିବା ବେଳକୁ ଏହି ବୟସ ଟପି ଯାଉଛି। ବିଶେଷ କରି ଯେଉଁମାନେ ଏମଫିଲ୍, ପିଏଚ୍‌ଡି କିମ୍ବା ପୋଷ୍ଟ ଡକ୍ଟରେଟ୍ ଭଳି ଉଚ୍ଚତର ଶିକ୍ଷା କରୁଛନ୍ତି ସେମାନଙ୍କୁ ପରେ ସରକାରୀ ଚାକିରି କରିବା ପାଇଁ ଏହି ବୟସ ସୀମା କାରଣରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆମ ଦେଶରେ ବିଭିନ୍ନ ରାଜ୍ୟର ସରକାରୀ ନିଯୁକ୍ତିରେ ଆବେଦନର ସର୍ବୋଚ୍ଚ ବୟସ ସୀମାର ଏକ ତାଲିକା ଦେଇଛନ୍ତି । ଉକ୍ତ ତାଲିକାରେ ଗୋଆ ଓ ହିମାଚଳ ପ୍ରଦେଶରେ ୪୫ବର୍ଷ, ତେଲେଙ୍ଗାନା ଓ ଆସାମରେ ୪୪, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ହରିଆନା ଓ ମେଘାଳୟରେ ୪୨, କେରଳରେ ୪୧, ମଧ୍ୟପ୍ରଦେଶ, ରାଜସ୍ଥାନ, ସିକିମ, ତ୍ରିପୁରା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁରେ ୪୦, ମଣିପୁରରେ ୩୮, ପଞ୍ଜାବ ଓ ବିହାରରେ ୩୭ ବର୍ଷ ବୟସ ସୀମା ରହିଛି। ଉପରୋକ୍ତ ରାଜ୍ୟ ସରକାରମାନେ ବିଭିନ୍ନ ସମୟରେ ଏହି ସର୍ବୋଚ୍ଚ ବୟସ ସୀମାକୁ ପରିବର୍ତ୍ତନ କରିଛନ୍ତି। ଏହି ବିବରଣୀରୁ ଦେଖାଯାଉଛି ଯେ ଦେଶର ଅଧିକାଂଶ ରାଜ୍ୟ ଆବେଦନର ସର୍ବୋଚ୍ଚ ବୟସ ସୀମା ପ୍ରାୟ ୪୦ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ରଖିଛନ୍ତି। ଓଡ଼ିଶା ସରକାର ମଧ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧାପକ ପଦବୀ ପାଇଁ ଆବେଦନ କରିବାକୁ ସର୍ବୋଚ୍ଚ ବୟସ ୪୨ ବର୍ଷ ରଖିଛନ୍ତି। ଓପିଏସ୍‌ସି ଦ୍ୱାରା ବିଜ୍ଞାପିତ ନୋଟିଫିକେସନ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ପଦ ପାଇଁ ଆବେଦନ କରିବା ସର୍ବୋଚ୍ଚ ବୟସ ସୀମା ରଖି ନ ଥିଲେ ମଧ ତାହା ପ୍ରାୟତଃ ଅବସର ବୟସ ସୀମା ୬୦ବର୍ଷ ସହ ସମାନ ବୋଲି ଦର୍ଶାଯାଇଛି। ତେଣୁ ଅଧାପକ ପଦବୀ ପାଇଁ ଉପରୋକ୍ତ ନୋଟିଫିକେସନ୍‌ରେ ଛାତ୍ରୀଛାତ୍ରମାନେ ଆବେଦନ କରିବାର ସର୍ବୋଚ୍ଚ ବୟସ ସୀମା ପାଇଁ ଆଶ୍ୱସ୍ତ ହୋଇଥିଲେ ମଧ ପରବର୍ତ୍ତୀ ନୋଟିଫିକେସନ୍‌ରେ ସରକାରଙ୍କ ଏହି ନୀତିର କାର୍ଯ୍ୟକାରିତା ଉପରେ ଛାତ୍ରୀଛାତ୍ର ଭରସା ରଖିପାରୁ ନାହାନ୍ତି। ପୁନଶ୍ଚ ଅଧାପକ ପଦବୀ ବ୍ୟତୀତ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ପଦବୀ ପାଇଁ ୧୯୮୯ ମସିହାରୁ ଆବେଦନ କରିବା ସର୍ବୋଚ୍ଚ ବୟସ ସୀମାକୁ ୩୨ ବର୍ଷରୁ ଆଉ ପରିବର୍ତ୍ତନ କରାଯାଇନାହିଁ। ୧୯୮୯ ମସିହା ପରେ ସରକାରଙ୍କ ନୀତିଗତ ନିଷ୍ପତ୍ତି ଯୋଗୁଁ ସରକାରୀ ଚାକିରି ପଦବୀର ମଞ୍ଜୁରୀପ୍ରାପ୍ତ ଖାଲିସ୍ଥାନ ପୂରଣ କରିପାରୁନାହାନ୍ତି। ଫଳରେ ବହୁ ମେଧାବୀ ଛାତ୍ରୀଛାତ୍ର ଯୋଗ୍ୟତା ଥାଇ ମଧ ବୟସ ସୀମା କାରଣରୁ ଅଯୋଗ୍ୟ ହୋଇଯାଉଛନ୍ତି। ଓଡ଼ିଶା ସରକାର ଏଦିଗରେ ଗୁରୁତର ସହ ବିଚାର କରି ତୁରନ୍ତ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୩୨ରୁ ବୃଦ୍ଧି କରି ୪୨ ବର୍ଷ କରନ୍ତୁ ବୋଲି ମହାଲିଙ୍ଗ ସରକାରଙ୍କୁ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି।